ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK
ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.104 Bhubaneswar Friday June 03 2022 | ୨୫ତମ ବର୍ଷ ସଂଖ୍ୟା-୧୦୪ ଭୁବନେଶ୍ୱର, ଶୁକ୍ରବାର, ଜୁନ ୦୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ବିଜେଡିରେ ମହିଳାଙ୍କୁ ମିଳୁନି ହକ୍ , ଏବେ 'ରାଜ୍ୟସ୍ତରୀୟ ଏସଏଚ୍‌ଜି ମହାସଂଘ' ଥୋପ

ଭୁବନେଶ୍ୱର,୨।୬(ପି.ଏନ): ୨୦୨୪ ସାଧାରଣ ନିର୍ବାଚନ ପାଇଁ ଏବେଠୁ ରୋଡମ୍ୟାପ୍ ପ୍ରସ୍ତୁତ କରୁଥିବା ବିଜେଡି ସରକାର ମହିଳା ଭୋଟ୍ ବ୍ୟାଙ୍କ ତୁଷ୍ଟୀକରଣ ନିମନ୍ତେ 'ରାଜ୍ୟସ୍ତରୀୟ ଏସଏଚ୍‌ଜି ମହାସଂଘ' ଥୋପ ପକାଇଛନ୍ତି । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସଏଚ୍‌ଜି)ଙ୍କୁ ବଡ ବଡ ପ୍ରତିଶ୍ରୁତି ଦେଇ ୨୦୧୯ ନିର୍ବାଚନୀରେ ଆଖିଦୃଶିଆ ସଫଳତା ପାଇଥିବା ବିଜେଡି ନିଜ ସରକାରର ପଂଚମ ପାଳିର ପ୍ରଥମ ଦିନରେ ମନ୍ତ୍ରିମଣ୍ଡଳ ବୈଠକ ଡାକି ନିଜର ନିର୍ବାଚନୀ ଇସ୍ତାହାରକୁ ସରକାରୀ ମୋହର ଲଗାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ସେଥିରୁ ମାତ୍ର ୧୦ ପ୍ରତିଶତ ପୂରଣ କରିଥିବା ବିଜେଡି ସରକାର ଏବେଠୁ 'ମିଶନ ଶକ୍ତି' ନାଁରେ ଦଳ ପାଇଁ ଭୋଟବ୍ୟାଙ୍କକୁ ସୁରକ୍ଷିତ ରଖିବା ନିମନ୍ତେ ରଣନୀତି ପ୍ରସ୍ତୁତ କରିଛି । ଆଜି ପଂଚାୟତ ପ୍ରତିନିଧିମାନଙ୍କ ପ୍ରଶିକ୍ଷଣ ଶିବିର ପରେ ମିଶନ ଶକ୍ତି ସଚିବ ସୁଜାତା କାର୍ତ୍ତିକେୟନ ଗଣମାଧ୍ୟମକୁ ଦେଇଥିବା ବୟାନ ପରୋକ୍ଷରେ ବିଜେଡିର ନିର୍ବାଚନୀ ପ୍ରତିଶ୍ରୁତି ଏବେବି ଏସଏଚ୍‌ଜି ମହିଳାଙ୍କ ପାଇଁ ପ୍ରତାରଣା ହୋଇ ରହିଛି । ବିଜେଡିରେ ବରିଷ୍ଠ ନେତ୍ରୀ ଓ ନିର୍ବାଚିତ ମହିଳା ପ୍ରତିନିଧିମାନଙ୍କୁ ନିଜର ହକ୍ ମିଳୁନଥିବା ନେଇ ଚାପା ଅସନ୍ତୋଷ ଲାଗି ରହିଥିବାବେଳେ ଏସଏଚ୍‌ଜି ମହିଳାଙ୍କୁ ଏହି ଥୋପ କେତେ ସଫଳ ହେଉଛି ତାକୁ ନେଇ ରାଜନୀତିକ ମହଲରେ ଚର୍ଚ୍ଚା ।ସୂଚନା ଅନୁସାରେ, ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତ୍ୟେକ ଜିଲ୍ଲାରେ ମିଶନ ଶକ୍ତି ସମାବେଶ କରି ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଦେଇଥିବା ବଡ



ବଡ ପ୍ରତିଶ୍ରୁତି, ଏପରିକି ବିଜେଡିର ନିର୍ବାଚନୀ ପ୍ରତିଶ୍ରୁତିକୁ ସରକାରୀ ମୋହର ବାଜିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପାଳନ ହୋଇପାରିନି । ମିଶନ ଶକ୍ତି ଏବେ ଏକ ମହାଦ୍ରୁମ ବୋଲି ମୁଖ୍ୟମନ୍ତ୍ରୀ ସେତେବେଳେ କହିଥିବାବେଳେ ସୁଜାତା ଏବେ ମିଶନ ଶକ୍ତିକୁ ଏକ ଅଭିଯାନ ବୋଲି କହିଲେଣି । କିନ୍ତୁ ମିଶନ ଶକ୍ତି ସହ ୨୦୧୯ ମସିହା ସୁଦ୍ଧା ସାମିଲ ହୋଇଥିବା ମହିଳାଙ୍କ ସଂଖ୍ୟା ୭୦ଲକ୍ଷ ଥିବାବେଳେ ୩ବର୍ଷ ପରେ ବି ମହିଳାଙ୍କ ସଂଖ୍ୟା ସେତିକି ରହିଛି । ଗତ ମେ' ୧୮ରେ ବସିଥିବା କ୍ୟାବିନେଟ ବୈଠକ ପରେ ସରକାର ଦେଇଥିବା ଲିଖିତ ସୂଚନାରୁ ମହିଳା ଏସଏସଜି ସଦସ୍ୟଙ୍କ ସଂଖ୍ୟା ୭୦ଲକ୍ଷରେ ହିଁ ଏବେବି ସୀମିତ ଥିବା ଜଣାପଡିଛି ।କେବଳ ସେତିକି ନୁହେଁ, ବିଜେଡିର ନିର୍ବାଚନୀ ପ୍ରତିଶ୍ରୁତି ଅନୁସାରେ ଜିଲ୍ଲାସ୍ତରରେ ମହିଳା ଏସଏଚ୍‌ଜି ମହାସଂଘର ସଭାନେତ୍ରୀଙ୍କୁ 'ରାଷ୍ଟ୍ରମନ୍ତ୍ରୀ' ପାହ୍ୟା ସୁବିଧା ଓ ରାଜ୍ୟସ୍ତର ଏସଏଚ୍‌ଜି ମହାସଂଘ ସଭାନେତ୍ରୀଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ମିଳିବ । ଜିଲ୍ଲାସ୍ତରର ମହାସଂଘ ଏପର୍ଯ୍ୟନ୍ତ କୌଣସି ଜିଲ୍ଲା ପୂର୍ଣ୍ଣାଙ୍ଗ ରୂପରେ ଗଠନ ହୋଇପାରିନି । ପ୍ରତି ପଂଚାୟତରେ ମିଶନ ଶକ୍ତି ବଜାର ବଦଳରେ ଏବେ ମାତ୍ର ୫୦୦ଟି ମିଶନ ଶକ୍ତି ବଜାର କଥା ସରକାର କହୁଛନ୍ତି । ମହିଳା ଏସଏଚ୍‌ଜିଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶୂନ ପ୍ରତିଶତରେ ଋଣ, ମିଶନ ଶକ୍ତି କର୍ପସ ଫଣ୍ଡ, ମିଶନ ଶକ୍ତି ମହିଳାଙ୍କୁ ଦୁର୍ଘଟଣାବୀମା ମହିଳାଙ୍କୁ ପ୍ରଶିକ୍ଷଣ ସହ ଉପାର୍ଜନକ୍ଷମ ଉପକରଣ ପ୍ରଦାନ ଆଦି ପ୍ରତିଶ୍ରୁତି ଏବେବି 'ପାଣିର ଗାର' ହୋଇ ରହିଛି । ପ୍ରତିଶ୍ରୁତି ଆଧାରରେ କେବଳ 'ମିଶନ ଶକ୍ତି' ନାଁରେ ଗୋଟିଏ ସ୍ୱତନ୍ତ୍ର ବିଭାଗ ଖୋଲା ହୋଇପାରିଛି ।ଏପଟେ ମହିଳାଙ୍କ ଅଧିକାର ଓ ତୁଷ୍ଟୀକରଣ କଥା କହୁଥିବା ଶାସକ ବିଜେଡି ନିଜ ଦଳର ବରିଷ୍ଠ ନେତ୍ରୀମାନଙ୍କୁ ବି ନିଷ୍ପତ୍ତି ପ୍ରକ୍ରିୟାରେ ଗୁରୁତ୍ୱ ଦେଉନଥିବା ଜଣାପଡିଛି । ଦଳର ମହିଳା ୱିଙ୍ଗ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଗତ ଦେ? ବର୍ଷ ପରେ ସାଂଗଠନିକ ସକ୍ରିୟତା ଦେଖାଇ ପାରିନାହାନ୍ତି । ବରିଷ୍ଠ ଉପସଭାନେତ୍ରୀ ଉଷା ଦେବୀ ଗଣମାଧ୍ୟମକୁ ଆସି ରାଜ୍ୟସଭାକୁ ଜଣେ କି ଦୁଇଜଣ ନୁହେଁ ବରଂ ୩ଜଣ ମହିଳା ଯିବା ଦରକାର ବୋଲି କହିଥିଲେ ମଧ୍ୟ ମୋଟ ୪ଟି ଆସନରେ ମାତ୍ର ଜଣେ ମହିଳାଙ୍କୁ ପ୍ରାର୍ଥୀ କରାଗଲା । ସେହିପରି ବରିଷ୍ଠ ନେତ୍ରୀ କସ୍ତୁରୀ ମହାପାତ୍ରଙ୍କୁ ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଅଧକ୍ଷା ଭାବେ ମୁଖ୍ୟମନ୍ତ୍ରୀ ଘୋଷଣା କରିବାର ୩ବର୍ଷ ପରେ ବି ସେ ଏହି ପଦରେ ଆସୀନ ହୋଇପାରୁନାହାନ୍ତି । ଦଳର ଅନ୍ୟ ମହିଳାମାନଙ୍କ ସ୍ଥିତି ଓ ସାଂଗଠନିକ କାର୍ଯ୍ୟରେ ସେମାନଙ୍କର ଭୂମିକା କଥା ନକହିବା ଭଲ । ବିଜେଡିରେ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ବରିଷ୍ଠ ନେତ୍ରୀମାନଙ୍କର କୌଣସି ଭୂମିକା ରହୁନଥିବାବେଳେ ଏସଏଚ୍‌ଜି ମହିଳାଙ୍କୁ ରାଜ୍ୟସ୍ତରୀୟ ମହାସଂଘ ଗଠନ କରି ରାଜ୍ୟ ଶାସନରେ ନିଷ୍ପତ୍ତି ନେବାର ଅଧିକାର ମିଳିବ ବୋଲି କହିବା କେବଳ 'ଧର୍ମକୁ ଆଖିଠାର' ସଦୃଶ ହୋଇଛି ।ସୂଚନାଯୋଗ୍ୟ, ରାଜ୍ୟର ନବନିର୍ବାଚିତ ପଂଚାୟତ ପ୍ରତିନିଧିମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମହିଳାମାନଙ୍କ ପାଇଁ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ଓ ଆଗକୁ ନେବାକୁ ଥିବା ପଦକ୍ଷେପ ସମ୍ପର୍କରେ ମିଶନ ଶକ୍ତି ସଚିବ ସୁଜାତା କାର୍ତ୍ତିକେୟନ ଅବଗତ କରାଇବା ସହ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ମିଶନ ଶକ୍ତି ଏକ ଯୋଜନା ନୁହେଁ ଏହା ଏକ ଅଭିଯାନ । ମିଶନ ଶକ୍ତିରୁ ଓଡିଶାର ମହିଳାଙ୍କୁ ସ୍ୱତନ୍ତ୍ର ପରିଚୟ ମିଳିବ । ଏସଏଚ୍‌ଜିକୁ ଏସଏମଇ(କ୍ଷୁଦ୍ରମଧ୍ୟମ ଶିଳ୍ପ)ରେ ପରିଣତ କରାଇବା ପାଇଁ ଟାର୍ଗେଟ ରଖାଯାଇଛି । ଆସନ୍ତା ୧୨ମାସ ମଧ୍ୟରେ ଏସଏଚ୍‌ଜି ମହିଳାଙ୍କ ପାଇଁ ରାଜ୍ୟସ୍ତରୀୟ ଫେଡେରେସନ ଗଠନ ହେବ । ପଂଚାୟତ, ବ୍ଲକ ଓ ଜିଲ୍ଲା ସ୍ତରରେ ମହାସଂଘ ଗଠନ ସରିଛି । ରାଜ୍ୟସ୍ତରୀୟ ଫେଡେରେସନ ଗଠନ ହେଲେ ନିଷ୍ପତ୍ତି ପ୍ରକ୍ରିୟାରେ ମହିଳାଙ୍କ ଭାଗିଦାରୀ ରହିପାରିବ । ୫ବର୍ଷ ଭିତରେ ୫୦ହଜାର କୋଟି ଟଙ୍କାର ଋଣ ଦିଆଯିବ । ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୦% ସୁଧ ରିହାତି ଦିଆଯାଉଛି । ୬୮୦୦କୋଟି ଟଙ୍କାର ଋଣ ମହିଳାଙ୍କ ପାଖକୁ ଯାଇଛି । ଏବର୍ଷ ୯ହଜାର କୋଟି ଟଙ୍କା ଋଣ ଦେବାକୁ ଯୋଜନା ରହିଛି । ୫୦୦ଟି ମିଶନ ଶକ୍ତି ବଜାର ମହିଳା ଏସଏଚ୍‌ଜିଙ୍କ ଉତ୍ପାଦକୁ ବିକ୍ରି ନିମନ୍ତେ ସ୍ଥାପନ କରାଯିବ । ମିଶନ ଶକ୍ତି କାଫେ ତିଆରି ହେବ, ଯାହାଫଳରେ ମହିଳାମାନେ ଅଧିକ ଉପାର୍ଜନକ୍ଷମ ହେବେ । ମିଶନ ଶକ୍ତି ବଜାର, ପଂଚାୟତ ପୋଖରୀ ନିଲାମ ସବୁଠି ମହିଳାଙ୍କ ଭୂମିକା ରହିବ । ମିଶନ ଶକ୍ତି ମହିଳାଙ୍କୁ ଲାଇନ୍ ମ୍ୟାନ୍ ଦାୟିତ୍ୱ ଦିଆଯିବ । ଏଥିପାଇଁ ବିଦ୍ୟୁତ ବିଭାଗ ସହ ମିଶି ଏକ ଖସଡା ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି ।

## ଆରଏସଏସ ମୁଖ୍ୟଙ୍କ ବଡ ବୟାନ: କାହିଁକି ସବୁ ମସଜିଦରେ ଶିବଲିଙ୍ଗ ଖୋଜୁଛ ?



ନୂଆଦିଲ୍ଲୀ,୨।୬(ପି.ଏନ): ଉତ୍ତର ପ୍ରଦେଶର ଜ୍ଞାନବାପୀ ମସଜିଦରେ ସର୍ଭେ?କୁ ନେଇ ବିବାଦ ଚାଲିଥିବା ବେଳେ ଆରଏସଏସ୍? ମୁଖ୍ୟ ମୋହନ ଭାଗବତ ବଡ ବୟାନ ଦେଇଛନ୍ତି । ପରସ୍ପର ସହ ଆଲୋଚନା ମାଧ୍ୟମରେ ଉପଯୁକ୍ତ ରାସ୍ତା ବାଛିବା ପାଇଁ ସେ ଆଜି ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ଜ୍ଞାନବାପୀ ମସଜିଦ ମଧ୍ୟରେ ହିନ୍ଦୁ ଦେବଦେବୀ ରହିଛନ୍ତି କି ନାହିଁ, ତା'ର ଯାଞ୍ଚ କରିବା ପାଇଁ ହିନ୍ଦୁ ପକ୍ଷ ଆବେଦନ କରିବା ପରେ ଏହାକୁ କାଉଣ୍ଟର କରିଥିଲେ ମୁସଲିମ ପକ୍ଷ ।ତେବେ କୋର୍ଟ ମସଜିଦ ଭିତିରେ ଭିଡିଓ ରେକର୍ଡ କରିବା ସହ ଏହାର ତଥ୍ୟ କୋର୍ଟରେ ଉପସ୍ଥାପନ କରିଛି । ହିନ୍ଦୁ ପକ୍ଷ ମସଜିଦ ଭିତରୁ ଶିବଲିଙ୍ଗ ବାହାରିଥିବା ମଧ୍ୟ ଦାବି କରିଛି । ଏହାକୁ ନେଇ ଦୁଇ ସଂପ୍ରଦାୟ ମଧ୍ୟରେ ବିବାଦ ଲାଗି ରହିଛି । ଏହି ବିବାଦ ମଧ୍ୟରେ ଆଜି ଭାଗବତ କହିଛନ୍ତି, "କିଛି ସ୍ଥାନ ପ୍ରତି ଆମର ବିଶେଷ ଭକ୍ତି ଥିଲା ଓ ରହିଛି । ତେଣୁ ଆମେ ଉକ୍ତ ସ୍ଥାନ ଗୁଡିକ ବିଷୟରେ କହିଥିଲୁ । କିନ୍ତୁ ଆମେ ପ୍ରତିଦିନ ନୂଆ ନୂଆ ମାମଲା ଆଣିବା ଠିକ ନୁହେଁ ।କାହିଁକି ଆମେ ବିବାଦକୁ ଅଧିକ ତୀବ୍ର କରିବା ଜ୍ଞାନବାପୀ ପ୍ରତି ଆମର ଭକ୍ତି ରହିଛି ଓ ଏଥିପାଇଁ ଆମେ କିଛି କରୁଛେ । ଏହା ଠିକ୍? । କିନ୍ତୁ କାହିଁକି ସବୁ ମସଜିଦରେ ଶିବଲିଙ୍ଗ ଖୋଜିବା?"ସେ ଆହୁରି କହିଛନ୍ତି, "ଜ୍ଞାନବାପୀ ପ୍ରସଙ୍ଗ ଏବେ ଚାଲିଛି । ଆମେ ଇତିହାସକୁ ବଦଳାଇ ପାରିବା ନାହିଁ । ଆଜିର ହିନ୍ଦୁ କିମ୍ବା ଆଜିର ମୁସଲିମ ଏହାକୁ ତିଆରି କରି ନାହାନ୍ତି । ବହୁତ ପୂର୍ବରୁ ଏହା ତିଆରି ହୋଇଥିଲା । ବାହାର ଲୋକଙ୍କ ଆକ୍ରମଣ ଦ୍ୱାରା ଇସଲାମ ଏଠାକୁ ଆସିଥିଲା । ଏହି ଆକ୍ରମଣରେ ଦେବସ୍ଥାନଗୁଡିକୁ ଧ୍ୱଂସ କରି ଭାରତର ସ୍ୱାଧୀନତା ପାଇଁ ଲଢ଼େଇ କରୁଥିବା ଲୋକଙ୍କ ମନୋବଳ ଭାଙ୍ଗି ଦେବାକୁ ଚେଷ୍ଟା କରାଯାଇ ଥିଲା ।"

## ରସୁଲଗଡ଼ ଓଭରବ୍ରିଜରେ ସିରିଜ ଦୁର୍ଘଟଣା

ଭୁବନେଶ୍ୱର, ୨।୬(ପି.ଏନ): ବୁଧବାର ବିଳମ୍ବିତ ରାତ୍ରୀରେ ଭୁବନେଶ୍ୱର ସ୍ଥିତ ରସୁଲଗଡ଼ ଓଭରବ୍ରିଜରେ ଏକ ସିରିଜ ଦୁର୍ଘଟଣା ଘଟିଛି । ତେବେ ଏହି ଘଟଣାରେ କେବଳ ବାହନ ଗୁଡିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ କାହାରି କିଛି ହୋଇ ନାହିଁ । ମିଳିଥିବା ସୂଚନା ଅନୁସାରେ ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ରାସ୍ତାରେ ଯାଉଥିବା ଏକ କାରକୁ ପଛ ପଟରୁ ଧକ୍କା ଦେଇଥିଲା । ପରେ ଦୁର୍ଘଟଣା ଘଟିଥିବା

## ଝାଡ଼ାବାନ୍ତିରେ ୨୫ ଛାତ୍ରୀ ଅସୁସ୍ଥ

ବୌଦ୍ଧ, ୨।୬(ପି.ଏନ): ଝାଡ଼ାବାନ୍ତିରେ ଆଦର୍ଶ ବିଦ୍ୟାଳୟର ୨୫ ଜଣ ଛାତ୍ରୀ ଅସୁସ୍ଥ ହୋଇଛନ୍ତି । ୧୦ ଜଣ ଛାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି । ସୂଚନା ଅନୁଯାୟୀ, ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସ୍ଥିତ ମଣିପୁର ଆଦର୍ଶ ବିଦ୍ୟାଳୟର ୨୫ ଜଣ ଛାତ୍ରୀ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇଛନ୍ତି । ତେବେ ୧୫ ଜଣ ଛାତ୍ରୀଙ୍କୁ ହଷ୍ଟେଲରେ ଚିକିତ୍ସା କରାଯାଇ ସୁସ୍ଥ କରାଯାଇଥିବା ବେଳେ ୧୦ ଛାତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁରୁଣାକଟକ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସମସ୍ତ ଛାତ୍ରୀଙ୍କୁ ସାଲାଇନ ଲାଗିଛି । ଗୁରୁତର ଅବସ୍ଥାରେ ଥିବା ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ. ଉଦୟ ନାଥ ମାଝୀ କହିଛନ୍ତି । ହଷ୍ଟେଲରେ ବର୍ତ୍ତମାନ ସମୟରେ ୫୦ ଜଣ ଛାତ୍ରୀ ରହୁଛନ୍ତି । ଗତରାତିରେ ମେନୁ ପ୍ରକାରେ ଚିକେନ ଖାଇବାକୁ ଦିଆ ଯାଇଥିଲା । ଆଜି ସକାଳେ ଜଳଖିଆ ଖାଇବା ପରେ ଛାତ୍ରୀମାନେ ଅସୁସ୍ଥ ହୋଇପଡିଥିଲେ । ଅନ୍ୟ ଛାତ୍ରୀମାନେ ସୁରକ୍ଷିତ ଥିବା ସୂଚନା ମିଳିଛି ।

## ଆଜି ବ୍ରଜରାଜନଗର ଭୋଟ ଗଣତି : ସକାଳ ୮ଟାରୁ ଆରମ୍ଭ ହେବ ଭୋଟ ଗଣତି କାର୍ଯ୍ୟ

ଭୁବନେଶ୍ୱର,୨।୬(ପି.ଏନ): ଶୁକ୍ରବାର ଦିନ ବ୍ରଜରାଜନଗର ଉପ ନିର୍ବାଚନ ଭୋଟ ଗଣତି ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ଭୋଟ ଗଣନା ପ୍ରକ୍ରିୟାକୁ ସୁରୁଖୁରରେ କରିବାକୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଆସନ୍ତାକାଲି ଅର୍ଥାତ୍ ଜୁନ୍ ୩ ତାରିଖ ସକାଳ ୮ ଘଟିକା ସମୟରେ ଝାରସୁଗୁଡ଼ା ବଢ଼େଇମୁଣ୍ଡାସ୍ଥିତ ଇଂଜିନିୟରିଂ ସ୍କୁଲ ପରିସରରେ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଅନୁଷ୍ଠିତ ହୋଇଥିବା ମତଦାନର ମତଗଣନା କରାଯିବ । ପ୍ରଥମେ ପୋଷ୍ଟାଲ ବାଲାଟ ପେପର ଗଣତି ଆରମ୍ଭ ହେବ । ୩୦ ମିନିଟ ପରେ ଇଭିଏମ୍ ଭୋଟଗଣତି କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି । ଏତଦ୍‌ବ୍ୟତୀତ ୫ ଗୋଟି ବୁଥର ଭିଭିପ୍ୟାଟ୍ ସ୍ଲିପ୍ ଗୁଡ଼ିକୁ ଗଣତି କରାଯିବ । ଭୋଟଗଣତି କାର୍ଯ୍ୟ ନିମନ୍ତେ ୨୦ ଜଣ ମାଇକ୍ରୋ ଅବଜରଭର, ୨୦ ଜଣ କାଉଂଟିଙ୍ଗ୍ ସୁପରଭାଇଜର, ୨୦ ଜଣ କାଉଂଟିଙ୍ଗ୍ ଆସିଷ୍ଟାଂଟଙ୍କୁ ନିୟୋଜିତ କରାଯାଇଛି । ଏହା ଛଡ଼ା ବିଭିନ୍ନ ରାଜନୈତିକ ଦଳ ତରଫରୁ ଭୋଟଗଣତି କାର୍ଯ୍ୟ ନିରୀକ୍ଷଣ କରିବା ପାଇଁ ୬୩ ଜଣ କାଉଂଟିଙ୍ଗ ଏଜେଂଟ ଆବେଦନ କରିଛନ୍ତି । ୧୪ ଟି ଟେବୁଲରେ ଗଣତି କରାଯିବ । ମୋଟ ୨୭୯ ବୁଥ ଥିବାରୁ ୨୦ରାଉଣ୍ଡ କାଉଂଟ ହେବ ବୋଲି ସେ କହିଛନ୍ତି ।ପ୍ରତି ଟେବୁଲରେ ୪ଜଣ କାଉଟିଂ ଅଫିସର ରହିବେ । ପ୍ରତି ରାଉଣ୍ଡ ପରେ ଫଳାଫଳ ମାଇକ ଯୋଗେ ଜଣାଯିବ ବୋଲି ସେ କହିଛନ୍ତି । ଭୋଟ ଗଣତି କେନ୍ଦ୍ରରେ କେନ୍ଦ୍ରୀୟ ଅର୍ଦ୍ଧ ସୁରକ୍ଷା ବଳ, ସଶସ୍ତ୍ର ପୋଲିସ ବାହୀନି ସହ ଓଡ଼ିଶା ପୋଲିସର ଜବାନ ମାନଙ୍କୁ ନିୟୋଜିତ କରାଯାଇଛି । ଭୋଟଗଣନା କେନ୍ଦ୍ରଠାରେ ମିଡ଼ିଆ ସେଂଟର ଖୋଲାଯାଇଛି ଏବଂ ଗଣନା କେନ୍ଦ୍ର ମଧ୍ୟକୁ ଗଣମାଧ୍ୟମ ପ୍ରତିନିଧିମାନେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କିମ୍ବା ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହାୟତାରେ ୨-୩ ଜଣ ଲେଖାଏଁ ପ୍ରବେଶ କରି ଖବର ସଂଗ୍ରହ କରିବାର ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି ।

## ନିବେଦିତା ପାଣି ହେଲେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶିକା

ଭୁବନେଶ୍ୱର, ୨।୬(ପି.ଏନ): କ୍ୟାପିଟାଲ ହସ୍ପିଟାଲର ନୂଆ ନିର୍ଦ୍ଦେଶିକା ହେଲେ ଡାକ୍ତର ନିବେଦିତା ପାଣି ।ବର୍ତ୍ତମାନ ଡା. ପାଣି କଟକ ଏସସିବି ମେଡିକାଲ କଲେଜର ଆନେସଥେସିଓଲୋଜୀ ବିଭାଗର ପ୍ରଫେସର ଅଛନ୍ତି । ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ । ଏସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଜଙ୍ଗଲ ବିଭାଗ ଓ ଏସଟିଏଫର ଚଢ଼ଉ : ୨ଟି ହାତୀ ଦାନ୍ତ ଜବତ, ଜଣେ ଗିରଫ

ଅନୁଗୋଳ, ୨।୬(ପି.ଏନ): ଅନୁଗୁଳ ଜିଲ୍ଲା କନ୍ଧକୋଇଲିରେ ଜଙ୍ଗଲ ବିଭାଗ ଓ ଏସଟିଏଫ ପକ୍ଷରୁ ମିଳିତ ଚଢ଼ଉ କରାଯାଇଛି । ଚଢ଼ଉ ବେଳେ ଦୁର୍ଯ୍ୟୋଧନ ପ୍ରଧାନ ନାମକ ଜଣେ ବ୍ୟକ୍ତିକୁ ଗିରଫ କରାଯାଇଛି ।

## +୨ ଖାତାଦେଖା ଆରମ୍ଭ ହେଲା

ଭୁବନେଶ୍ୱର, ୨।୬(ପି.ଏନ):ଯୁକ୍ତ ୨ ଖାତା ମୂଲ୍ୟାୟନ ପ୍ରକ୍ରିୟା ଆଜି ଠାରୁ ଆରମ୍ଭ ହୋଇଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ପ୍ରଥମ ପ୍ରଥମ ପର୍ଯ୍ୟାୟ ଆଜି ଠାରୁ ଆରମ୍ଭ ହୋଇଛି ଓ ଏହା ୧୨ ପର୍ଯ୍ୟନ୍ତ ମୂଲ୍ୟାୟନ ଚାଲିବ । ସେହିପରି ଜୁନ୍ ୧୩ରୁ ୨୨ ଯାଏଁ ୨ୟ ପର୍ଯ୍ୟାୟ ମୂଲ୍ୟାୟନ ହେବ ବୋଲି ଜଣା ପଡିଛି । ୬୪ କେନ୍ଦ୍ରରେ ଅଫ୍‌ଲାଇନ୍ ଓ ୩୭ଟି କେନ୍ଦ୍ରରେ ଅନ୍‌ଲାଇନ୍ ମୂଲ୍ୟାୟନ ହେବ ।

## ଗୁଜରାଟର କେମିକାଲ ଫ୍ୟାକ୍ଟ୍ରୀରେ ଭୟଙ୍କର ବିସ୍ଫୋରଣ



ଭଦୋଦରା: ଗୁଜରାଟରେ ଥିବା ଗୋଟିଏ କେମିକାଲ ଫ୍ୟାକ୍ଟ୍ରୀରେ ହଠାତ୍ ଭୟଙ୍କର ବିସ୍ଫୋରଣ ହୋଇଛି । ବିସ୍ଫୋରଣ ପରେ କାରଖାନାରେ ନିଆଁ ଲାଗି ଯାଇଛି । ଭଦୋଦରାରେ ଥିବା ଦୀପକ ନାଇଟ୍ରେଟ ଫ୍ୟାକ୍ଟ୍ରୀରେ କାମ ଚାଲିଥିବା ବେଳେ ଏପରି ଘଟଣା ଘଟିଛି । ଘଟଣା ସମ୍ପର୍କରେ ଖବର ପାଇ ଏକାଧିକ ଅଗ୍ନିଶମ ଗାଡି ଓ ପୁଲିସ୍ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି ।ସେମାନେ ନିଆଁକୁ ଆୟତ୍ତ କରିବା ସହ ବିଷାକ୍ତ ଗ୍ୟାସ୍ ଲିକ୍ ହେବାର ଆଶଙ୍କା ଥିବାରୁ ପୂରା ଅଞ୍ଚଳକୁ କର୍ଡନ କରିଛନ୍ତି । ସେହିପରି ବିସ୍ଫୋରଣ କାରଣ ଜଣାପଡିନି । ଫ୍ୟାକ୍ଟ୍ରୀରେ ନିଆଁ ଲାଗିଥିବାରୁ ପୂରା ଅଞ୍ଚଳ ଧୂଆଁମୟ ହୋଇ ଯାଇଛି । ସେହିପରି ନିଆଁ ହୁତୁହୁତୁ ହୋଇ ଜଳୁଥିବାର ଫଟୋ ମଧ୍ୟ ସାମ୍ନାକୁ ଆସିଛି ।ପୁଲିସ୍‌ର ପ୍ରାଥମିକ ରିପୋର୍ଟ ଅନୁଯାୟୀ, ଘଟଣାରେ ୧୦ ଜଣ ଆହତ ହୋଇଥିବା ବେଳେ ଅନେକ ଲୋକ ଫ୍ୟାକ୍ଟ୍ରୀରେ ଫସି ରହିଥିବା ଆଶଙ୍କା କରାଯାଉଛି । ନିଆଁ ଲିଭା ଓ ଉଦ୍ଧାର କାର୍ଯ୍ୟକରେ ୧୫ଟି ଦମକଳ ଗାଡି ଲାଗିଛି । ଆଜି ସନ୍ଧ୍ୟାରେ ପ୍ରଥମେ ଦୀପକ ନାଇଟ୍ରେଟ କମ୍ପାନୀର ବୟଲରରେ ବିସ୍ଫୋରଣ ହୋଇଥିଲା । ଏହା ଶୁଣି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା । ଏଥିସହ ଲୋକମାନେ ଦୌଡାଦୌଡି ହେବାକୁ ଦଳ ଚକଟା ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା ବୋଲି ପୁଲିସ୍ କହିଛି ।

## ଭୀମ ଭୋଇ ମେଡିକାଲ କଲେଜ ଓ ଡାକ୍ତରଖାନା ଡାଏଲିସିସ୍ ବିଭାଗରେ ସାଂଘାତିକ ଅବ୍ୟବସ୍ଥା, ୯୦ ରୋଗୀଙ୍କ ପାଇଁ ଜଣେ ଟେକ୍ନିସିଆନ୍

ବଲାଙ୍ଗିର, ୨।୬(ପି.ଏନ): ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ଡାକ୍ତରଖାନାରେ ଥିବା ଏକ ମାତ୍ର ଡାଏଲିସିସ ସେନ୍ଟରର ଅବସ୍ଥା ସାଂଘାତିକ ହୋଇପଡିଛି । ଏକ ବେସରକାରୀ ସଂସ୍ଥା ହାତକୁ ଏହି ଅତି ସମ୍ବେଦନଶିଳ ବିଭାଗକୁ ଟେକି ଦିଆଯାଇଛି । ସେହି ସଂସ୍ଥାର ଅପାରଗତା ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଯୋଗୁଁ ଡାଏଲିସିସ ବିଭାଗକୁ ଜମକୁଣ୍ଡରେ ପରିଣତ କରି ଦିଆଯାଇଛି ବୋଲି ଡାଏଲିସିସ୍ ରୋଗୀମାନେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି ।ପ୍ରାପ୍ତ ସୂଚନା ଅନୁସାରେ, ଭୀମ ଭୋଇ ମେଡିକାଲରେ ଡାଏଲିସିସ୍ ବିଭାଗ ଚଳାଇବାର ସମସ୍ତ ଦାୟିତ୍ୱ ରାହୀ କେଆର ନାମକ ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି । କିନ୍ତୁ, ଉକ୍ତ ସଂସ୍ଥା ପକ୍ଷରୁ ୯୦ ଜଣ ଡାଏଲିସିସ୍ ରୋଗୀଙ୍କ ପାଇଁ ମାତ୍ର ଜଣେ ଟେକନିସିଆନ୍‌ଙ୍କୁ ନିଯୁକ୍ତ କରାଯାଇଛି । ତେବେ ସେହି ଟେକନିସିଆନଙ୍କୁ ବାରମ୍ବାର ବଦଳି କରାଯାଇଛି । କିନ୍ତୁ, ଏବେ ଜଣେ ଅନଭିଜ୍ଞ ଟେକନିସିଆନଙ୍କୁ ଆଣି ବିଭାଗରେ ନିୟୋଜିତ କରାଯାଇଛି । ଉକ୍ତ ଟେକନିସିଆନ୍ ଜଣଙ୍କ ଅନଭିଜ୍ଞ ଥିବା ବେଳେ ଅନେକ ଡାଏଲିସିସ୍ ରୋଗୀଙ୍କ ପିସ୍ତୁଲା ସଂଯୋଗ କରି ପାରୁନାହାନ୍ତି ବୋଲି ଅଭିଯୋଗ ହେଉଛି । ଫଳରେ ରୋଗୀମାନଙ୍କ ପ୍ରବଳ ରକ୍ତସ୍ରାବ ହେବା ସହିତ କେତେକଙ୍କ ପିସ୍ତୁଲା ସଂପୁର୍ଣ୍ଣ ନଷ୍ଟ ହୋଇ ଘାତକ ପରିସ୍ଥିତି ସୃଷ୍ଟି ହେଉଛି । ସେହିପରି ଡାଏଲିସିସ୍ ବିଭାଗରେ ୧୦ଟି ମେସିନ ରହିଥିଲା । ସେଥିରୁ ଏବେ ଦୁଇଟି ଅଚଳ ହୋଇ ପଡିଥିବା ବେଳେ କେବଳ ୮ଟି ମେସିନରେ ୮୮ଜଣ ରୋଗୀଙ୍କ ଡାଏଲିସିସ୍ ବୋଝ ପଡୁଛି । ଯଦ୍ୱାରା କିଡନୀ ରୋଗୀଙ୍କ ପାଇଁ ପ୍ରଯୁଜ୍ୟ ସାଢେ ତିନି ଘଂଟାର ଡାଏଲିସିସ୍ ପରିବର୍ତ୍ତେ ରୋଗୀଙ୍କୁ ମାତ୍ର ୨ ଘଂଟା ଡାଏଲିସିସ୍ କରାଯାଉଛି । ଯାହା ରୋଗୀଙ୍କ ପାଇଁ ନିଅଂଟିଆ । ଡାଏଲିସିସ୍ ମେସିନକୁ ନିୟମ ମୁତାବକ ପ୍ରକ୍ରିୟାରେ ସଫା କରାଯାଉନଥିବା ବେଳେ ଏହା ରୋଗୀଙ୍କ ଶରୀରରେ ସଂକ୍ରମଣ ବଢାଉଛି । ବିଭାଗରେ ଲାଗିଥିବା ୫ ଗୋଟି ଏସି ମଧ୍ୟରୁ ୪ ଗୋଟି ଦୀର୍ଘ ଦୁଇ ମାସ ହେବ ବନ୍ଦ ରହିଛି । ଆହୁରି କିଡନୀ ରୋଗୀଙ୍କ ଉଦ୍ଦେଶ୍ୟରେ ସରକାରଙ୍କ ତରଫରୁ ଲୋକାଲ ପର୍ଚେଜ ଫର୍ମ ମାଧ୍ୟମରେ ଦିଆଯାଉଥିବା ମାଗଣା ଔଷଧକୁ ମଧ୍ୟ ଗତ ନଭେମ୍ବର ମାସ ଠାରୁ ବନ୍ଦ କରି ଦିଆଯାଇଛି । ତାଛଡା ବିଭାଗରେ ପିଇବା ପାଣି ଓ ବିଜୁଳି ୨୪ ଘଂଟା ଯୋଗା ଯାଇ ପାରୁନାହିଁ । ଡାକ୍ତରଖାନା ତରଫରୁ ହସପିଟାଲ ସୁପରିଟେନଡ୍ରେଣ୍ଟ ମଧ୍ୟ ପରିଦର୍ଶନକୁ ଆସୁ ନଥିବା ବେଳେ ରୋଗୀଙ୍କ ଆକୁଳ ଅଭିଯୋଗ ଅଶୁଣା ରହୁଛି । ଏ ସବୁ ସମସ୍ୟା ଭୋଗି ଭୋଗି ଗତ ଦେଢ ମାସରେ ୧୦ ଜଣ ରୋଗୀ ପ୍ରାଣ ହରେଇଲେଣି, ତଥାପି ପ୍ରଶାସନ ଓ ବ୍ୟବସ୍ଥାର ଆଖି ଖୋଲିନି । ଯଦି ଯଥାଶିଘ୍ର ଏହି ସମସ୍ୟା ଗୁଡିକର ସମାଧାନ କରାନଯାଏ, ତେବେ ଆମେ ମୁମୂର୍ଷୁ ରୋଗୀମାନେ ଆମର ଜୀବନ ରକ୍ଷା ପାଇଁ ଜିଲ୍ଲାପାଳ ଅଫିସ ଆଗରେ ଧାରଣା ଦେବାକୁ ବାଧ୍ୟ ହେବୁ ବୋଲି ଡାଏଲିସିସ୍ କରାଉଥିବା ରୋଗୀ ସତ୍ୟେନ୍ଦ୍ର ପ୍ରସାଦ ସିଂଦେଓ, ନେତ୍ରାନନ୍ଦ ଶତପଥୀ, ସତ୍ୟକୃଷ୍ଣ ବାରିକ, ମାନସ ରଂଜନ ମିଶ୍ର, ମଧୁମିତା ପୂଝାରୀ, ସାନ ଡାଙ୍ଗ, ପ୍ରଫୁଲ୍ଲ ସାହୁ, ଅଜିତ ପାତ୍ର, ରମେଶ ମିଶ୍ର, ଚକ୍ରଧର ପଣ୍ଡା ଓ ରବିଚନ୍ଦ୍ର ବାରିକ ପ୍ରମୁଖ ଜଣାଇଛନ୍ତି ।

## ନାମକୁ ମାତ୍ର ସ୍ମାର୍ଟ ସ୍କୁଲ: ପିଲା ପଢିବାକୁ ଶ୍ରେଣୀଗୃହ ନାହିଁ କି ଆବଶ୍ୟକ ଶିକ୍ଷକ, ଶିକ୍ଷୟିତ୍ରୀ ନାହାନ୍ତି !

ଭୁବନ,(ପି.ଏନ) ୨।୬: ୧୯୬୩ ମସିହାରେ ସ୍ଥାପିତ ହୋଇଥିବା ଭୁବନର ସର୍ବ ପୁରାତନ ତଥା ଏକମାତ୍ର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଏବେ ୫ଟି ଅଧିନରେ ମୋ ସ୍କୁଲ /ସ୍ମାର୍ଟ ସ୍କୁଲଭାବେ ରୂପାନ୍ତରିତ ହୋଇଛି । ଏଥିପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ଅର୍ଥ ମଧ୍ୟ ଯୋଗାଇ ଦେଇଛନ୍ତି । ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ସମୁଦାୟ ୩୯୪ ଜଣ ଛାତ୍ରୀ ୬ ଟିଶ୍ରେଣୀ ଗୃହରେ ଅଧ୍ୟୟନ କରୁଛନ୍ତି । ପ୍ରଧାନଶିକ୍ଷକ ଙ୍କ ସମେତ ମାତ୍ର ୮ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି । ୧୯ ଜଣ ଶିକ୍ଷକ/ କର୍ମଚାରୀଙ୍କଜାଗାରେ ୧୦ ଜଣ କାମ କରୁଛନ୍ତି ଓ ୯ ଟି ପଦବୀ ଫାଙ୍କା ପଡିଛି । ୨ ଜଣ ଟ୍ରେଣ୍ଡ ଗ୍ରାଜୁଏଟ ଆର୍ଟସଟିଚର, ଜଣେ ଟ୍ରେଣ୍ଡ ଆଇଏ, ଜଣେବିଜ୍ଞାନ ଶିକ୍ଷକ, ୨ ଜଣ ଟ୍ରେଣ୍ଡ ମାଟ୍ରିକ , ଜଣେ ଖେଳ ଶିକ୍ଷକ , ୨ ଜଣ ପିଅନ ପଦବୀ ଫାଙ୍କା ଅଛି ଓ ୨ ଟି ଶ୍ରେଣୀଗୃହ, ଗୋଟିଏ ଭୋକେସନାଲ ଲାବୋରେଟାରୀ, ଗୋଟିଏ କ୍ରୀଡା ଉପକରଣଗୃହ ଆବଶ୍ୟକ ରହିଛି । ଏନଏସି ପ୍ରଶାସନ ଆଦୌ ଗୃହ ନିର୍ମାଣ କିମ୍ବା କୌଣସିକନଷ୍ଟ୍ରକସନ କାର୍ଯ୍ୟ ନକରି କେବଳ ରଙ୍ଗ(ଚୁନ) ମାରି ୩୫ ଲକ୍ଷ ଟଙ୍କା ଖର୍ଚ୍ଚହୋଇଛି ବୋଲି କହୁଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏଥି ନିମନ୍ତେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ କୁମାର ପୋଥାଳ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ୫ଟି ସଚିବଙ୍କୁ ପତ୍ର ମାଧ୍ୟମରେ ଅଭିଯୋଗକରିଛନ୍ତି କିନ୍ତୁ ଅଦ୍ୟାବଧି କୌଣସିସୁଫଳମିଳିନାହିଁ । ସୂଚନାଯୋଗ୍ୟ ଯେ, ଭୁବନ ଏନଏସି ଅନ୍ତର୍ଗତ ୫ ନମ୍ବର ୱାର୍ଡବାସିନ୍ଦା ତଥା ବିଶିଷ୍ଟସମାଜସେବୀସ୍ୱର୍ଗତ କୃଷ୍ଣଚନ୍ଦ୍ର ପାତ୍ରଓରଫ ବାଉରୀ ପାତ୍ର ନାରୀଶିକ୍ଷାର ପ୍ରସାର ପାଇଁ ୧୯୬୩ ମସିହାରେ ବ୍ୟକ୍ତିଗତ ପ୍ରଚେଷ୍ଟାରେବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାକରିଥିଲେ । ପରବର୍ତୀ ସମୟରେ ଏହାକୁ ସରକାର ହାତକୁ ନେଇଥିଲେ । ଏହି ବିଦ୍ୟାଳୟ ଇତି ମଧ୍ୟରେ ୫୯ବର୍ଷରେ ପାଦ ଦେଇଥିବାବେଳେ ସ୍ୱର୍ଣ୍ଣଜୟନ୍ତୀ ପାଳନରେ ପ୍ରତିଷ୍ଠାତାଙ୍କ ପ୍ରତିସାମାନ୍ୟ ଶ୍ରଦ୍ଧାଞ୍ଜଳୀ ଦେଇନଥିବା ବେଳେ ସ୍ମାର୍ଟସ୍କୁଲବେଳେ ମଧ୍ୟ ପ୍ରତିଷ୍ଠାତାଙ୍କୁ ବିଦ୍ୟାଳୟ କମିଟି ଓ ପ୍ରଶାସନ ଭୁଲିଯାଇଛି । ପ୍ରତିଷ୍ଠାତାଙ୍କ ପରିବାର ଓ ଗ୍ରାମବାସୀଙ୍କତରଫରୁବାରମ୍ବାର ଦାବି ଆପତିସତ୍ତ୍ୱେତାଙ୍କର ଏକ ପ୍ରତିମୂର୍ତୀସ୍କୁଲ ପରିସରରେ ସ୍ଥାପନ କରାଯାଇ ନଥିବାରୁ ଏହାତାଙ୍କ ପ୍ରତିଘୋର ଅନ୍ୟାୟ , ଅପମାନ ଓ ଅସମ୍ମାନ ବୋଲି ବୁଦ୍ଧିଜୀବୀମହଲରେ ଚର୍ଚ୍ଚା ହେଉଛି ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଋର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଋରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। ‘ହେନ ନା’ ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଋଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଋର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।




# କେନ୍ଦୁଝର ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ପ୍ରସ୍ତୁତି ବୈଠକରେ ଯୁଦ୍ଧକାଳୀନ ଭିତିରେ ମୁକାବିଲା ଉପରେ ଗୁରୁତ୍ୱାରୋପ

କେନ୍ଦୁଝର, (ପି.ଏନ): ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ ମାର୍ଗଦର୍ଶିକା ଏବଂ ଜିଲ୍ଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶକ୍ରମେ ଆଗାମୀ ବର୍ଷାଋତୁରେ କେନ୍ଦୁଝର ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ୧ ତାରିଖ ବୁଧବାରଦିନ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଷୁସମା ବିଲୁଙ୍ଗ୍‌ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ,କେନ୍ଦୁଝର ଲୋକସଭା ସ୍ୟା ଇଂ ଚନ୍ଦ୍ରାଣୀ ମୁର୍ମୁ,ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର,କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ,ଆନନ୍ଦପୁର ବିଧାୟକ ଭାଗୀରଥୀ ସେଠୀ,ଚମ୍ପୁଆ ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହାନ୍ତ, ଡିଏଫଓ କେନ୍ଦୁଝର ଧନରାଜ ଏଚ୍‌ଡି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯଦୁମଣି ମହଲା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ,କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ,ଚମ୍ପୁଆ ଉପଜିଲ୍ଲାପାଳ ପ୍ରତାପ ପ୍ରୀତିମୟ,ଡେପୁଟି କଲେକ୍ଟର ଆପତ୍‌କାଳୀନ ସୁରଂଜିକା ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ,ବିଡିଓ,ତହସିଲଦାର,ପୌରପାଳିକା/ଏନଏସିର ନିର୍ବାହୀ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ସମ୍ଭାବ୍ୟ ବନ୍ୟା, ବାତ୍ୟାର ମୁକାବିଲାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ଏବେଠାରୁ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଜନାବଦ୍ଧ ଭାବେ ପ୍ରସ୍ତୁତି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲାରେ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ହେଲେ ତାର ସଫଳ ମୁକାବିଲା ପାଇଁ ସରକାରୀ ପଦାଧିକାରୀ, ଲୋକ ପ୍ରତିନିଧି,ସ୍ୱେଚ୍ଛାସେବୀ,ଏସଏଚଜି ତଥା ଜନସାଧାରଣ ସମସ୍ତେ ସାମୁହିକ ଭାବେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାସ୍ତରରେ ଏବଂ ବ୍ଲକ୍‌ସ୍ତରରେ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକ/ପୌରପାଳିକା /ଏନଏସିରେ ବନ୍ୟା, ବାତ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବା ଲୋକଙ୍କ ପାଇଁ ନିରାପଦ ଆଶ୍ରୟ ସ୍ଥଳ ଉପରେ ଆଲୋଚନା ହୋଇଥିଲା । ସ୍ଥିରିକୃତ ହୋଇଥିବା ନିରାପଦ ଆଶ୍ରୟସ୍ଥଳମାନଙ୍କର ଅବସ୍ଥା ତଦାରଖ ସହିତ ଆବଶ୍ୟକୀୟ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ନେବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବନ୍ୟାପ୍ରଭାବିତ ଅଂଚଳରେ ପର୍ଯ୍ୟାପ୍ତପରିମାଣରେ ଚୂଡା, ବିସ୍କୁଟ୍, ଚାଉଳ, ଗୁଡ, କିରୋସିନି, ମହମବତୀ, ଦିଆସିଲି ଆଦି ଅତ୍ୟାବଶ୍ୟକୀୟ ସାମଗ୍ରୀ ତଥା ଅନ୍ୟାନ୍ୟ ରିଲିଫ୍ ସାମଗ୍ରୀ ମହଜୁଦ୍ ରଖିବା ପାଇଁ ବିହିତ ପଦକ୍ଷେପ ନେବାକୁ ବେସାମରିକ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜଳ ସଂପଦ ବିଭାଗ ଅଧିନସ୍ଥ ନଦୀବନ୍ଧ ମାନଙ୍କରେ ଦୁର୍ବଳ ସ୍ଥାନମାନଙ୍କର ଆଶୁ ମରାମତି ସହ ପର୍ଯ୍ୟାପ୍ତ ପରିମାଣରେ ବାଲିବସ୍ତା, ବାଉଁଶ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ରଖିବା ପାଇଁ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ/ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରତ୍ୟେକ କେନାଲ୍ ମାନଙ୍କରେ ଡ୍ରେନେଜ୍ ବ୍ୟବସ୍ଥା ସୁଧାରିବା ପାଇଁ ମଧ୍ୟ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏତଦ୍‌ବ୍ୟତୀତ ଜିଲ୍ଲାର ବିଭିନ୍ନ ପୌରପାଳିକା / ଏନଏସି ଅଂଚଳରେ ଡ୍ରେନେଜ୍ ବ୍ୟବସ୍ଥା ସୁଧାରିବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବନ୍ୟା, ବାତ୍ୟା ସମୟରେ ଟେଲିଫୋନ୍ ସେବାକୁ କାର୍ଯ୍ୟକ୍ଷମ ରଖିବାକୁ ଟେଲିକମ୍ ବିଭାଗର କର୍ମକର୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଦେଶୀ ଡଙ୍ଗା ଓ ପାୱାର୍ ବୋଟ୍ ପ୍ରସ୍ତୁତ ରଖିବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଉପଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଶେଷ କରି ବନ୍ୟା ବାତ୍ୟା ସମୟରେ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବା ସହିତ ଅଗମ୍ୟ ଅଂଚଳରେ ପାନୀୟ ଜଳ ବ୍ୟବସ୍ଥା କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସହରାଂଚଳରେ ପାନୀୟ ଜଳ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଦ୍ୟୁତ ଯୋଗାଣ ଉପରେ ବିହିତ ପଦକ୍ଷେପ ନେବାକୁ ଟିପିଏନଓଡିଏଲର ଅଧିକ୍ଷଣ /ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟ ତଥା ପରବର୍ତୀ ସମୟରେ ସ୍ୱାସ୍ଥ୍ୟ ଓ ପରିମଳ ସମସ୍ୟାର ମୁକାବିଲା ନିମନ୍ତେ ବିହିତ ପଦକ୍ଷେପ ନେବା ସହିତ ପ୍ରତି ଚିକିତ୍ସାଳୟ/ସେଂଟର/ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଯଥେଷ୍ଟ ପରିମାଣରେ ଓ.ଆର୍.ଏସ୍. ପ୍ୟାକେଟ୍,ହାଲୋଜେନ୍ ଟାବ୍ଲେଟ୍,ବ୍ଲିଚିଂ ପାଉଡର,ଆଶୁ ଚିକିତ୍ସା ସାମଗ୍ରୀ ଆଦି ମହଜୁଦ ରଖି ବଂଟନ କରିବା ପାଇଁ ବିହିତ ପଦକ୍ଷେପ ନେବାକୁ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବନ୍ୟା,ବାତ୍ୟା ସମୟରେ ପଶୁଧନର ଚିକିତ୍ସା ଓ ଗୋଖାଦ୍ୟ ଯୋଗାଣ,କଂଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ ତଥା ଏ ବାବଦରେ ବିଶଦ ଆକ୍‌ସନ୍ ପ୍ଲାନ୍ ପ୍ରସ୍ତୁତ କରି ପଦକ୍ଷେପ ନେବାକୁ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତିର ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା କରାଯାଇଥିଲା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ସେମାନଙ୍କ ବିଭାଗର ଆକ୍ସନ ପ୍ଲାନ୍ ଅତିଶୀଘ୍ର ଦାଖଲ କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏତଦବ୍ୟତୀତ ସମ୍ଭାବ୍ୟ ବନ୍ୟା ବାତ୍ୟା ପରସ୍ଥିତିରେ ଉଦ୍ଧାର କାର୍ଯ୍ୟ, ରିଲିଫ ପରିଚରଳନା,ଗଛ ପଡିରାସ୍ତା ଅବରୋଧହେଲେ ଗମନା ଗମନ ଉପଯୋଗୀ କରିବା,ରାସ୍ତାଘାଟ ମରାମତି,କ୍ଷୟକ୍ଷତି ଆକଳନ,ଆଇନ ଶୃଙ୍ଖଳା ରକ୍ଷା,ଓଡ୍ରାଫ ଓ ଏନଡିଆରଏଫ ମୁତୟନ ଇତ୍ୟଦି ପ୍ରସଙ୍ଗ ଉପରେ ବୈଠକରେ ବିଶାବେ ଆଲୋଚନା କରାଯାଇଥିଲା ।

# ମୋଦି ସରକାରର ୮ ବର୍ଷ : କେନ୍ଦ୍ରରେ ବିଜେପିର ସେବା, ସୁଶାସନ ଏବଂ ଗରୀବ କଲ୍ୟାଣର ଅନନ୍ତ ଯାତ୍ରା : ସମୀର ମହାନ୍ତି

ଭୁବନେଶ୍ୱର, (ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସେବା, ସୁଶାସନ ଏବଂ ଗରୀବକଲ୍ୟାଣର ନିରନ୍ତର ଯାତ୍ରା । ଗତ ୮ ବର୍ଷ ଯାତ୍ରାରେ ଜାତି, ପରିବାର, ଭ୍ରଷ୍ଟାଚାର, ତୁଷ୍ଟିକରଣ ଭାରତୀୟ ରାଜନୀତିକୁ ସର୍ବସ୍ପର୍ଶୀ, ସର୍ବ ସମାବେଶୀ, ବିକାଶବାଦର ଜୟଯାତ୍ରାରେ ପରିଣତ କରାଯାଇଛି । ଗରୀବ, ପଛୁଆ, ଦଳିତ, ଆଦିବାସୀ, ମହିଳା, ଯୁବକ, ଅଳ୍ପସଂଖ୍ୟକ ଏବଂ ସମାଜର ପ୍ରତ୍ୟେକ ସ୍ତରରେ ବାସ କରୁଥିବା ଲୋକଙ୍କ ଜୀବନମାନର ଉତ୍ଥାନର ଯାତ୍ରା ହେଉଛି ଗତ ୮ ବର୍ଷ । କଠିନରୁ କଠିନତମ ପରିସ୍ଥିତି ଓ ଆହ୍ୱାନକୁ ସଫଳତାର ସହ ସାମ୍ନା କରିବାକୁ ଶିଖାଇଛି ଗତ ୮ ବର୍ଷର ମୋଦି ଶାସନ । ଏହା ଆତ୍ମନିର୍ଭର ଭାରତର ଯାତ୍ରା, ସଂକଳ୍ପରୁ ସିଦ୍ଧିର ଯାତ୍ରା ଏବଂ ବିଶ୍ୱଗୁରୁ ହେବା ପାଇଁ ଭାରତବର୍ଷର ଯାତ୍ରା ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।କେନ୍ଦ୍ରରେ ମୋଦି ସରକାରଙ୍କ ୮ ବର୍ଷ ଶାସନର ପୂର୍ତି ଅବସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତବର୍ଷର ଆତ୍ମ ବିଶ୍ୱାସ ବୃଦ୍ଧି ପାଇଛି । ଆତ୍ମନିର୍ଭର ଭାରତ ପଥରେ ଦୃତ ଅଗ୍ରସର ହେବା ସହିତ ଲୋକଙ୍କ ଭିତରେ ରାଷ୍ଟ୍ରବାଦ ଭାବନା ବୃଦ୍ଧି ପାଇଛି । ସମସ୍ତ କ୍ଷେତ୍ରରେ ଜନତାଙ୍କ ମୌଳିକ ସୁବିଧା ବୃଦ୍ଧି ପାଇଛି । କୃଷକ ଏବଂ ଗରୀବଙ୍କ ଆୟ ବୃଦ୍ଧି ପାଇଛି । ଖରାପ ପରିସ୍ଥିତିରୁ ଶୀଘ୍ର ବାହାରି ଆସିବା ଶିଖିଛି ଭାରତବର୍ଷ । ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ; ଅନ୍ତୋଦୟ; ସେବା ହିଁ ସଂଗଠନ; ରାଷ୍ଟ୍ର ସର୍ବୋପରୀ; ଗ୍ରାମାଂଚଳ, ଗରୀବ, କୃଷକ, ଦଳିତ, ପୀଡିତ, ପଛୁଆ, ଯୁବ, ମହିଳାଙ୍କ ବିକାଶ; ଆତଙ୍କବାଦୀ ଏବଂ ଭ୍ରଷ୍ଟାଚାର ବିରୁଦ୍ଧରେ ଜିରୋ ଟଲରେନ୍ସ ନୀତି ଏବଂ କଲ୍ୟାଣକାରୀ ଅର୍ଥବ୍ୟବସ୍ଥାର ନିର୍ମାଣ ହେଉଛି ମୋଦି ସରକାରଙ୍କ ମୂଳ ମନ୍ତ୍ର ବୋଲି ଶ୍ରୀ ମହାନ୍ତି କହିଛନ୍ତି ।୨୦୧୪ ମସିହା ପର୍ଯ୍ୟନ୍ତ ଦେଶରେ ମାତ୍ର ୬.୩୭ ଲକ୍ଷ ପ୍ରାଇମେରୀ ବିଦ୍ୟାଳୟ ଥିବାବେଳେ ଗତ ୮ ବର୍ଷରେ ଆହୁରି ୬.୫୩ ପ୍ରାଇମେରୀ ବିଦ୍ୟାଳୟ ସ୍ଥାପନ ହୋଇଛି । ୨୦୧୪ ରେ ଦେଶର ସାକ୍ଷରତା ହାର ୬୯ ପ୍ରତିଶତ ଥିଲା ଏବଂ ବର୍ତମାନ ଏହି ହାର ୭୫ ପ୍ରତିଶତକୁ ପହଂଚିଛି । ଗତ ୮ ବର୍ଷରେ ୧୭୦ଟି ନୂତନ ମେଡିକାଲ କଲେଜ ଏବଂ ୧୫ଟି ନୂତନ ଏମ୍ସ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି । ୮୨୨୭ଟି ଜନ ଔଷଧି କେନ୍ଦ୍ର ଖୋଲିଛି । ଗତ ୮ ବର୍ଷରେ ପାଖାପାଖି ୩.୨୫ ଲକ୍ଷ କିଲୋମିଟରର ନୂତନ ରାଜପଥ ନିର୍ମାଣର ସ୍ୱୀକୃତି ମିଳିଛି । ଓଡିଶାରେ ୫୮୯୭ କିମିର ନୂତନ ରାଜପଥ ନିର୍ମାଣ ହୋଇଛି । ଦେଶର ବାର୍ଷିକ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷମତା ୩୧୬.୦୬ ମିଲିୟନ ଟନକୁ ବୃଦ୍ଧି ପାଇଛି । କରୋନା କାରଣରୁ ବିଶ୍ୱ ବଜାର ପ୍ରଭାବିତ ହେବା ସତ୍ତ୍ୱେ ଗତ ଆର୍ଥିକ ବର୍ଷରେ ୪୧୮ ଆରବ ଡଲାରର ରେକର୍ଡ ପରିମାଣ ରପ୍ତାନୀ ହୋଇଛି । ୨୦୦୯ – ୨୦୧୪ (ୟୁପିଏ ସରକାର)ରେ କୃଷି ବଜେଟ ମାତ୍ର ୮.୫ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ୨୦୧୪-୨୦୧୯ (ମୋଦି ସରକାର)ରେ ୩୮.୮ ପ୍ରତିଶତ ବୃଦ୍ଧି ପାଇଛି । ୨୦୧୩-୧୪ରେ ଭାରତର ଜିଡିପି ୧୧୨.୩୩ ଲକ୍ଷ କୋଟି ଟଙ୍କା ଥିବାବେଳେ ଆଜି ଭାରତ ବର୍ଷର ଜିଡିପି ୨୩୨.୧୪ ଲକ୍ଷ କୋଟି ଟଙ୍କାକୁ ପହଂଚିଲାଣି ।ଖଦୀ ବସ୍ତ୍ର ବ୍ୟବସାୟ ୧.୧୫ ଲକ୍ଷ କୋଟି ଟଙ୍କାରେ ପହଂଚିସାରିଛି । ଷ୍ଟାର୍ଟ ଅପ୍ ଏବଂ ୟୁନିକର୍ଣ୍ଣ ହବ୍ ଭାବେ ଭାରତ ଆଜି ବିଶ୍ୱ ଦରବାରରେ ନିଜକୁ ପ୍ରତିଷ୍ଠିତ କରିଛି । ଡିବିଟି ଜରିଆରେ ଗତ ୮ ବର୍ଷରେ ମୋଦି ସରକାର ୨୨୫ ଟ୍ରିଲିୟନ୍ ଟଙ୍କା ପ୍ରଦାନ କରିଛନ୍ତି । ପୋଷ୍ଟ ଅଫିସରେ ରେଳ ସଂରକ୍ଷଣ, ବ୍ୟାକିଂ, ପାସପୋର୍ଟ ସୁବିଧା । ୧୪ର୍ଦ୍ଦଶ ଏବଂ ୧୫ଦଶ ଅର୍ଥ କମିଶନରେ ସଶକ୍ତ ପଂଚାୟତ ଏବଂ ପର୍ଯ୍ୟାପ୍ତ ଅର୍ଥ ଆବଂଟନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ)ରେ ସମଗ୍ର ଭାରତବର୍ଷରେ ୫୮ ଲକ୍ଷ ବାସଗୃହ ନିର୍ମାଣ ହୋଇଥିବାବେଳେ ଓଡିଶାରେ ୨.୧୩ ଲକ୍ଷ ବାସଗୃହ ନନିର୍ମାଣ ହୋଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ରେ ଭାରତବର୍ଷରେ ୨.୫୨ କୋଟି ଏବଂ ଓଡିଶାରେ ମଂଜୁର ୨୬ ଲକ୍ଷ ଏବଂ ନିର୍ମାଣ ହୋଇଛି ୧୬.୮୫ ଲକ୍ଷ ବାସଗୃହ । ସ୍ୱଚ୍ଛଭାରତ ଯୋଜନାରେ ଭାରତରେ ୧୧.୨୨ କୋଟି ଶୌଚାଳୟ ନିର୍ମାଣ ହୋଇଥିବାବେଳେ ଓଡିଶାରେ ୭୧ ଲକ୍ଷ ନିର୍ମାଣ ହୋଇଛି । ହର୍ ଘର୍ ନଲ୍ ସେ ଜଲ୍ ଯୋଜନାରେ ଭାରତରେ ୯.୪୦ କୋଟି ଘରକୁ ଏବଂ ଓଡିଶାରେ ୪୧ ଲକ୍ଷ ଘରକୁ (ସମୁଦାୟ ଆଂବଟିତର ମାତ୍ର ୪୭ ପ୍ରତିଶତ) ପାନୀୟ ଜଳ ଯୋଗାଇ ଦିଆଯାଇଛି ଏବଂ ଓଡିଶାର ୫୬ ପ୍ରତିଶତ ଗ୍ରାମାଂଚଳରେ ପାନୀୟ ଜଳ ବ୍ୟବସ୍ଥା ନାହିଁ । ପିଏମ ଉଜ୍ୱଳା ଯୋଜନାରେ ଭାରତବର୍ଷରେ ୯ କୋଟି ଏବଂ ଓଡିଶାରେ ୫୨.୩୫ ଲକ୍ଷ ମହିଳାଙ୍କୁ ମାଗଣା ରୋସେଇ ଗ୍ୟାସ ଯୋଗାଇ ଦିଆଯାଇଛି । ସୌଭାଗ୍ୟ (ଉଜଳା) ଯୋଜନାରେ ଭାରତରେ ୨.୮୧ କୋଟି ଘରେ ୩୬ କୋଟିରୁ ଉର୍ଦ୍ଧ୍ୱ ଏବଂ ଓଡିଶାରେ ୫.୨୩ କୋଟି ଏଲଇଡି ବଲ୍ବ ବିତରଣ ହୋଇଛି ।ଧାରା ୩୭୦ ଉଚ୍ଛେଦ ଓ ଜମ୍ମୁ କାଶ୍ମୀର ପ୍ରସଙ୍ଗ, ରାମ ମନ୍ଦିର ନିର୍ମାଣ, ତିନ୍ ତଲାକ ଉଚ୍ଛେଦ, ନାଗରିକତା ସଂଶୋଧନ ଆଇନ, ଦେଶର ଶିକ୍ଷା ବ୍ୟବସ୍ଥାକୁ ବଦଳାଇବା ପାଇଁ ନୂତନ ରାଷ୍ଟ୍ରୀୟ ଶିକ୍ଷା ପ୍ରବର୍ତନ । ଆଜାଦୀ କି ଅମୃତ ମହୋତ୍ସବ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ନୂତନ ଭାରତର ଶଙ୍ଖନାଦ ହୋଇଛି । ଯେଉଁଠି ସମସ୍ତଙ୍କୁ ସମାନ ସୁଯୋଗ, ସମ୍ମାନ ଏବଂ ସୁଖ ସମୃଦ୍ଧି ମିଳିବ । ଯେଉଁଠି ସମସ୍ତଙ୍କ ପାଖରେ ବାସଗୃହ, ବିଜୁଳି, ପାନୀୟ ଜଳ, ରୋସେଇ ଗ୍ୟାସ ସଂଯୋଗ ଏବଂ ଶୌଚାଳୟ ଥିବ । ଯେଉଁଠି କୃଷକ ସଶକ୍ତ ଏବଂ ମାତୃଶକ୍ତି ସମ୍ମାନିତ ହେଉଥିବ ।

# ଜୀବବିଜ୍ଞାନ ପ୍ରତିଷ୍ଠାନରେ ଷ୍ଟାର୍ଟଅପ୍ ଉତ୍ପାଦର ଶୁଭାରମ୍ଭ

## *ପ୍ରକ୍ରିୟାକୃତ କୃଷି ଉତ୍ପାଦର ଗୁରୁତ୍ୱ ବୃଦ୍ଧି ପାଇଛି -ମନ୍ତ୍ରୀ ଅଶୋକ ପଣ୍ଡା*

ଭୁବନେଶ୍ୱର, (ପି.ଏନ): କୃଷି ଉତ୍ପାଦର ଫଳପ୍ରଦ ଉପଯୋଗ, କୃଷି ଆୟ, ନିଯୁକ୍ତି ଓ ସ୍ୱରୋଜଗାର ବୃଦ୍ଧିରେ ପ୍ରକ୍ରିୟାକୃତ କୃଷି ଉତ୍ପାଦର ଗୁରୁତ୍ୱ ରହିଛି ବୋଲି ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି । ମନ୍ତ୍ରୀ ଶ୍ରୀ ପଣ୍ଡା ଆଜି ପୂର୍ବାହ୍ନରେ ଜୀବବିଜ୍ଞାନ ପ୍ରତିଷ୍ଠାନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହିତ ତିନୋଟି ଷ୍ଟାର୍ଟଅପ୍ କୃତ ଉତ୍ପାଦର ଶୁଭାରମ୍ଭ କରି ଉପରୋକ୍ତ ମତ ଦେଇଛନ୍ତି । 'ସ୍ୱାଧୀନତାର ଅମୃତ ମହୋତ୍ସବ' ପାଳନ ଅବସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ବିଭିନ୍ନ କାରଣ ହେତୁ କୃଷକମାନଙ୍କ ରୋଜଗାର ହ୍ରାସକୁ ଦୃଷ୍ଟିରେ ରଖି ପ୍ରକ୍ରିୟାକୃତ କୃଷି ଉତ୍ପାଦଗୁଡ଼ିକର ଭୂମିକା ବୃଦ୍ଧିପାଇଛି ଏବଂ ସେସବୁ ପ୍ରାଥମିକ କୃଷି କାର୍ଯ୍ୟକୁ ମୂଲ୍ୟଯୁକ୍ତ କରିବା ସହ ଉଭୟ ସହର ଓ ଗ୍ରାମାଞ୍ଚଳଗୁଡ଼ିକରେ କୃଷି ଉଦ୍ୟୋଗ ବଢ଼ାଇବାରେ ସହାୟକ ହୋଇଛନ୍ତି । ଷ୍ଟାର୍ଟଅପ୍ ଗୁଡ଼ିକର ଉପଯୋଗିତାକୁ ସବୁମତେ ଉତ୍ସାହିତ କରାଯିବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ଜୀବବିଜ୍ଞାନ ପ୍ରତିଷ୍ଠାନର ବାୟୋ ..ଇନ୍‌କ୍ୟୁବେଟର ଜରିଆରେ ବର୍ଷକ ମଧ୍ୟରେ ପ୍ରାୟ ୨୩ଟି ଷ୍ଟାର୍ଟଅପ୍ କାର୍ଯ୍ୟକାରୀ ହେବା ପ୍ରଶଂସନୀୟ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପଣ୍ଡା ଆରଏନ୍‌ଏ ବାୟୋଟେକ୍, ଥିଙ୍କଜେନିକ୍ସ ଓ ଓଡ଼ିଶା ବେଭେରେଜ୍ ନାମକ ତିନୋଟି ଷ୍ଟାର୍ଟଅପ୍ ର ବିଭିନ୍ନ ଉତ୍ପାଦର ଶୁଭାରମ୍ଭ କରିଥିଲେ ।ବିଜ୍ଞାନ ଓ କାରିଗରୀ ବିଭାଗର ଶାସନ ସଚିବ ମନୋଜ କୁମାର ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ଏକ ପ୍ରତିଯୋଗିତାମୂଳକ ପ୍ରକ୍ରିୟାରେ ସଫଳ ହୋଇ ଜୀବବିଜ୍ଞାନ ପ୍ରତିଷ୍ଠାନର ଇନ୍‌କ୍ୟୁବେଟର କେନ୍ଦ୍ର ସରକାରଙ୍କ ଶିଳ୍ପ ତଥା ବାଣିଜ୍ୟ ମନ୍ତ୍ରାଳୟ ପକ୍ଷରୁ ୫ କୋଟି ଟଙ୍କାର ଷ୍ଟାର୍ଟଅପ୍ ପାଣ୍ଠି ହାସଲ କରିପାରିଛି ।ଜୀବବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅଜୟ ପରିଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ବିଜ୍ଞାନ ଓ କାରିଗରୀ କୌଶଳ ସହାୟତାରେ ପୋଷଣୀୟ ବ୍ୟବସ୍ଥା, କୃଷି ଏବଂ ପୁଷ୍ଟିସାଧନ, ସ୍ୱାସ୍ଥ୍ୟସେବା, ଇଲେକ୍‌ଟ୍ରୋନିକ୍, ଯନ୍ତ୍ରପାତି ବ୍ୟବସ୍ଥା, ପୂର୍ତ୍ତ ଭିତିଭୂମି ନିର୍ମାଣ ତଥା ଇଂଜିନିୟରିଂ, ପରିବେଶ, ଜଳବାୟୁ ପରିବର୍ତନ ତଥା ଶକ୍ତିକ୍ଷେତ୍ରରେ କାର୍ଯ୍ୟକରିବା ନିମନ୍ତେ ବିଭିନ୍ନ ଷ୍ଟାର୍ଟଅପ୍ କୁ ଉତ୍ସାହିତ କରାଯାଉଛି ବୋଲି କହିଥିଲେ । ଏହି ଅବସରରେ ଏକ ପ୍ରଦର୍ଶନୀ ତଥା ଆଲୋଚନା ଚକ୍ର ଏବଂ ପ୍ରଶ୍ନୋତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଖୋଲା ଅଧିବେଶନରେ ଜାତୀୟ ଧାନଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ପଦ୍ମିନୀ ସ୍ୱାଇଁ, ସାମୁଦ୍ରିକ ଉତ୍ପାଦ ରପ୍ତାନୀ ସଂଘ, ଓଡ଼ିଶା ଶାଖା ସଭାପତି ଡ. କମଳେଶ ମିଶ୍ର, ବରିଷ୍ଠ ବୈଜ୍ଞାନିକ ଡ. ସନତ ମିଶ୍ର, ଆଗ୍ରୋ-ଲିଙ୍କ୍ ଖାଦ୍ୟ ପ୍ରକ୍ରିୟାକରଣ ଲିମିଟେଡ୍ ର ପରିଚାଳନା ନିର୍ଦ୍ଦେଶକ ଅସୀତ ମହାପାତ୍ର ଓ ଉଦ୍ୟୋଗୀ ଶ୍ରୀରାମ ପଣ୍ଡା ବକ୍ତବ୍ୟ ରଖିଥିଲେ ।

# କେନ୍ଦ୍ର ସରକାରଙ୍କ କୃଷକ ବିରୋଧୀ କୃଷି ଆଇନର ପ୍ରତ୍ୟାହାର ଦାବୀରେ କିଷାନ କଂଗ୍ରେସର ବିଭିନ୍ନ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ପିଏନ)- କେନ୍ଦ୍ର ବିଜେପି ସରକାର ଚାଷୀମାନଙ୍କ ସହିତ କୌଣସି ବିଚାର ବିମର୍ଷ ନକରି ଯେଉଁ ତିନୋଟି କୃଷି ଆଇନ୍ ପ୍ରଣୟନ କରିଛନ୍ତି ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଚାଷୀ ବିରୋଧୀ ବୋଲି କୁହାଯାଇଛି । ଏହି ବିଲ୍ ତିନୋଟିର କାର୍ଯ୍ୟକାରୀ ହେଲେ ରାଜ୍ୟର ୮୨ ପ୍ରତିଶତ ଚାଷୀ ବହୁଳ ଭାବରେ କ୍ଷତିଗ୍ରସ୍ତ ହେବେ । ଭାଗଚାଷୀ କୌଣସି ସୁଫଳ ପାଇବେ ନାହିଁ । ଫଳରେ ଭବିଷ୍ୟତରେ ଚାଷୀ ଓ ଚାଷ କ୍ଷେତ୍ରରେ ଏକ ନୈରାଶ୍ୟଜନକ ପରିସ୍ଥିତି ସୃଷ୍ଟିହେବ । ଏହାଦ୍ୱାରା କେବଳ ଘରୋଇ କମ୍ପାନୀମାନେ ଚାଷୀଙ୍କୁ ଶୋଷଣ କରି ବିପୁଳ ଲାଭବାନ ହେବେ । ତେଣୁ ସମଗ୍ର ଦେଶରେ ଏହା ବିରୁଦ୍ଧରେ ବ୍ୟାପକ ଚାଷୀ ଆନ୍ଦୋଳନ ଚାଲିଥିବା ବେଳେ ଏହାକୁ ରାଜ୍ୟରେ ଅଧିକ ଶାଣିତ କରିବା ପାଇଁ ପିସିସି କିଷାନ କଂଗ୍ରେସର ବହୁ ଗୁରୁଦାୟିତ୍ୱ ରହିଛି ବୋଲି ଓଡ଼ିଶା ପ୍ରଭାରୀ ତଥା ସି.ଡ଼ବ୍ଲୁ.ସି ସଦସ୍ୟ ସାଂସଦ ଡଃ. ଏ ଚେଲ୍ଲାକୁମାର ତାଙ୍କର ଗତ ୬ ଦିନିଆ



ଓଡ଼ିଶା ଗସ୍ତ କାର୍ଯ୍ୟକାଳରେ କିଷାନ କଂଗ୍ରେସ କର୍ମକର୍ତ୍ତାମାନଙ୍କ ସ୍ୱତନ୍ତ୍ର ବୈଠକରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ଚାଷୀଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟର ସମସ୍ତ ବ୍ଲକସ୍ତରରୁ ଚାଷୀ ସ୍ୱାକ୍ଷର ଅଭିଯାନକୁ ବ୍ୟାପକ କରିବା ସହ ପ୍ରତି ଜିଲ୍ଲା ଓ ବ୍ଲକସ୍ତରରେ କଳା କୃଷିବିଲ୍ ସଂକ୍ରାନ୍ତୀୟ କର୍ମଶାଳା ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି । ଏଥିରେ ବିଭିନ୍ନ କୃଷକ ସଂଗଠନର ପ୍ରତିନିଧି, କୃଷିବିତ୍, କିଷାନ କଂଗ୍ରେସ କର୍ମକର୍ତ୍ତା, ବୁଦ୍ଧିଜୀବି ଓ କୃଷକ ଭାଇମାନଙ୍କୁ ଅଧିକରୁ ଅଧିକ ସାମିଲ କରାଯାଇ ସରକାରଙ୍କ ଏହି ଚାଷୀମାରଣ ନୀତି ବିରୁଦ୍ଧରେ ପ୍ରତି ଗାଁ ଓ ପଞ୍ଚାୟତସ୍ତରରୁ ସଚେତନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ସାଂସଦ ସପ୍ତଗିରୀ ଉଲାକା ମଧ୍ୟ ଉପସ୍ଥିତ ରହି କିଷାନ କଂଗ୍ରେସ ସଂଗଠନକୁ ତୃଣମୂଳସ୍ତରରୁ ସକ୍ରିୟ କରିବା ସହ ଚାଷୀଙ୍କ ହକ୍ ପାଇଁ କିଷାନ କଂଗ୍ରେସ ବିଭିନ୍ନ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କମିଟିର କର୍ମକର୍ତ୍ତା ଓ ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷବୃନ୍ଦ ଉପସ୍ଥିତ ରହି ଦଳୀୟ ସଂଗଠନ ଓ ସେମାନଙ୍କ ଜିଲ୍ଲାରେ ଉପୁଜୁଥିବା ଚାଷୀ ସମସ୍ୟା ସମ୍ପର୍କରେ ଡଃ. ଚେଲ୍ଲାକୁମାରଙ୍କୁ ଅବଗତ କରାଇଥିଲେ । କେନ୍ଦ୍ର ସରକାର ସର୍ବପ୍ରଥମେ ଏମ୍.ଏସ୍.ସ୍ୱାମୀନାଥନ୍ ଜାତୀୟ କୃଷକ କମିଶନ-୨୦୦୬ ସୁପାରିଷ ଅନୁଯାୟୀ ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ମୋଟ ଉତ୍ପାଦନ ଖର୍ଚ୍ଚର) ଦେଢଗୁଣା ବୃଦ୍ଧି କରିବା ସହ ଦେଶରେ ଋଣଭାରରେ ଥିବା ସମସ୍ତ ଚାଷୀଙ୍କଠାରୁ ତୁରନ୍ତ କୃଷିଋଣ ଛାଡ଼ କରିବା ଓ ୧୯୫୫ ମସିହାର ଅତ୍ୟବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ, କଣ୍ଟ୍ରାକ୍ଟ ଫାର୍ମିଂ ବା ଚୁକ୍ତିନାମା ଚାଷ ଆଇନ ଓ ପ୍ରାଇଭେଟ ମଣ୍ଡି ଆଇନକୁ ରଦ୍ କରିବା ପାଇଁ ପିସିସି କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଉଥିବା ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

# ରାଜ୍ୟସ୍ତରୀୟ ବୈଷୟିକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, (ପି.ଏନ): ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଦ୍ୱାରା ବୁଧବାର ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଇମେଜ ସମ୍ମିଳନୀ କକ୍ଷରେ ୟୁଡିଆଇଏସ୍‌ଇଂଟ ପୋର୍ଟାଲ ଉପରେ ଏକ ରାଜ୍ୟସ୍ତରୀୟ ବୈଷୟିକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ, ନୂଆଦିଲ୍ଲୀସ୍ଥିତ ବୈଷୟିକ ଗୋଷ୍ଠୀ(ଟିଏସ୍‌ଜି)ର ତଥ୍ୟ ପରିଚାଳନା ବିଭାଗର ମୁଖ୍ୟ ପରାମର୍ଶଦାତା, ଏନ୍‌ଆଇସିର ବୈଷୟିକ ଦଳ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ଜିଲ୍ଲା ସ୍ତରୀୟ ଏମ୍‌ଆଇଏସ୍ ପ୍ରୋଗ୍ରାମର ଏବଂ ବ୍ଲକ୍ ସ୍ତରର ଏମ୍‌ଆଇଏସ୍ କମ୍ ପ୍ଲାନିଂ ସଂଯୋଜକମାନଙ୍କୁ ୟୁଡିଆଇଏସ୍‌ଇଂଟ ପୋର୍ଟାଲ୍ ରେ ତଥ୍ୟ ଅପଲୋଡ୍ କରିବା ଏବଂ ସଂଶୋଧିତ ମାନଦଣ୍ଡ ଉପରେ ତାଲିମ ପ୍ରଦାନ କରିଥିଲେ ।

# ଟି୨୦ ସିଜନ୍‌ରେ ଭାରତର 'ରିଅଲ୍ ହିରୋ'ଙ୍କୁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍‌ର ସାଲ୍ୟୁଟ୍

ଭୁବନେଶ୍ୱର: ଚଳିତ ବର୍ଷ ଆରମ୍ଭରୁ ଜୀବନର ଅର୍ଥ ବଦଳିଯାଇଛି । ସାଧାରଣ ଲୋକ ଆଗଧାଡ଼ିର ଯୋଦ୍ଧାରେ ପରିଣତ ହୋଇଛନ୍ତି ଯେଉଁମାନେ ମହାମାରୀର ଅପ୍ରତ୍ୟାଶିତ ସମୟରେ ନିଜ କର୍ତବ୍ୟରୁ ଆଗକୁ ବଢି କାର୍ଯ୍ୟ କରିଛନ୍ତି । ଏହି 'ବାସ୍ତବ ଚ୍ୟାଲେଞ୍ଜରମାନଙ୍କୁ' ସାଲ୍ୟୁଟ୍ ଜଣାଇବା ପାଇଁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଏକତ୍ରିତ ହୋଇଛି । ସାମ୍ପ୍ରତିକ ପରିସ୍ଥିତିରେ ଅସହାୟଙ୍କୁ ସହଯୋଗ ପାଇଁ ନିସ୍ୱାର୍ଥପର ଭାବେ କାମ କରିଥିବା ଭାରତର ଏହି ପ୍ରକୃତ ଚ୍ୟାଲେଞ୍ଜର୍‌ମାନଙ୍କର ହୃଦୟସ୍ପର୍ଶୀ, ବୀରତ୍ୱର କାହାଣୀ ସହିତ ଏହି ଅଭିଯାନ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିଚାରଧାରାକୁ ଆପଣାଇବା ଏବଂ ନିଜ ମଧ୍ୟରେ ପ୍ରକୃତ ଚ୍ୟାଲେଞ୍ଜର ହେବା ପାଇଁ ଅନୁପ୍ରାଣିତ କରିବ । ଏହି ଅଭିଯାନ ଏକ ଟିଭିସି ସହିତ ଲାଇଭ୍ ପ୍ରସାରିତ ହେଉଛି ଯେଉଁଥିରେ ବିରାଟ କୋହଲି, ଏବି ଡେଭିଲିୟର୍ସ ଓ ୟୁଜ୍‌ବେନ୍ଦ୍ର ଚହଲ୍ ଗର୍ବର ସହିତ ଏହି ହିରୋମାନଙ୍କ କାହାଣୀ ବର୍ଣ୍ଣନା କରିଛନ୍ତି, ଯେଉଁମାନେ ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ନିଜର ଅବଦାନ ଦେଉଛନ୍ତି । ଆମ ଦେଶର ଗଭୀରତାରେ ସଂସ୍କୃତିର ବିବିଧତା ସହିତ ବିଭିନ୍ନ କ୍ଷେତ୍ର ହିରୋମାନେ ଭାଇଚାରା ଓ ମାନବଜାତିର ସମର୍ଥନରେ ନିଜ ସୀମାକୁ ଭାଙ୍ଗି ସାହସର ପ୍ରଦର୍ଶନ କରିଛନ୍ତି । ଭୁବନେଶ୍ୱରର ନିବାସୀ ଏଭଳି ଜଣେ ହିରୋ ହେଉଛନ୍ତି ନିଳାଚଳ ପରିଡା (୨୫ ବର୍ଷ), ଯିଏକି ହେଉଛନ୍ତି ଜଣେ ଜାତୀୟ ସ୍ତରୀୟ ପର୍ବତାରୋହୀ । ଏକ ପୂର୍ବ ନିର୍ଦ୍ଧାରିତ ୟୁରୋପିୟ ଅଭିଯାନକୁ ବାତିଲ କରିବା ପରେ ସେ ନିଜର ସମୟ ଓ ପ୍ରୟାସକୁ ମହାମାରୀ ସମୟରେ ସାହାଯ୍ୟ ଆବଶ୍ୟକ କରୁଥିବା ଅସହାୟ ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ବିନିଯୋଗ କରିବାକୁ ନିଷ୍ପତି ନେଇଥିଲେ । ନିଜ ବନ୍ଧୁମାନଙ୍କ ସହଯୋଗରେ ନିଳାଚଳ ପନିପରିବା ବିକ୍ରି କରିବା, ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ହୋମ୍ ଡେଲିଭରିର ବିକଳ୍ପ ପ୍ରଦାନ କରିବା ଲାଗି ଏକ ମେକ୍‌ସିଫ୍ଟ ହଟ୍ ସ୍ଥାପନ କରିଥିଲେ । ଏହି କାର୍ଯ୍ୟ ସହରର ବରମୁଣ୍ଡା ଅଂଚଳର ନିବାସୀମାନଙ୍କୁ ଅନେକ ସାହାଯ୍ୟ କରିଥିଲା ଏବଂ ନିଜର ମୂଲ୍ୟବାନ ଅବଦାନ ପାଇଁ ତାଙ୍କୁ ପ୍ରଶଂସା କରାଯାଇଥିଲା ।

# ରାପିଡୋ ପକ୍ଷରୁ ଆପ୍ ଆଧାରିତ ଅଟୋ ବୁକିଙ୍ଗ ସେବା 'ରାପିଡୋ ଅଟୋ'ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ବୃହତମ ବାଇକ ଟାକ୍ସି ପ୍ଲାଟଫର୍ମ, ରାପିଡୋ ପକ୍ଷରୁ ଭାରତର ୧୦ଟି ରାଜ୍ୟର ୧୪ଟି ସହରରେ ଏହାର ରାପିଡୋ ଅଟୋ ସେବାର ଶୁଭାରମ୍ଭ କରାଯାଇଛି । ଏହି ସେବା ଯାତ୍ରୀମାନଙ୍କୁ ନିଜ ଘରର ଆରାମ ଏବଂ ସୁରକ୍ଷା ମଧ୍ୟରେ ରହି ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅଟୋ ବୁକ୍ କରିବାର ଅନୁମତି ଦେବ । ଏହି ସେବା ସର୍ବନିମ୍ନ ସୁବିଧା ଦେୟ ସହିତ ମିଟର ମୂଲ୍ୟରେ ଉପଲବ୍ଧ ହେବ । ୨୦୨୦ ଶେଷ ସୁଦ୍ଧା କମ୍ପାନୀ ଏହି ଅଟୋ ସେବାକୁ ଭାରତର ୫୦ଟି ସହରକୁ ସଂପ୍ରସାରିତ କରିବା ପାଇଁ ଲକ୍ଷ ରଖିଛି । ଏହା ହେଉଛି ଶୁଭାରମ୍ଭର ପ୍ରଥମ ପର୍ଯ୍ୟାୟ ଏବଂ ଏପର୍ଯ୍ୟନ୍ତ ରାପିଡୋ ୨୦,୦୦୦ ଅଟୋ କ୍ୟାପ୍‌ଟେନମାନଙ୍କୁ (ଚାଳକ-ସହଯୋଗୀ) ଅନ୍ତର୍ଭୁକ୍ତ କରିସାରିଛି । ଏହା ଆଗାମୀ ୬ ମାସ ମଧ୍ୟରେ ଅଧା ମିଲୟନ କ୍ୟାପ୍‌ଟେନଙ୍କୁ ସାମିଲ କରିବାର ଲକ୍ଷ ରଖିଛି । ଇଚ୍ଛୁକ ଅଟୋ




ଚାଳକମାନେ ରାପିଡୋ କ୍ୟାପ୍‌ଟେନ ଆପ୍ କିମ୍ବା ରାପିଡୋ ହେଲ୍‌ପଲାଇନ୍ ନମ୍ବରରେ ଯୋଗାଯୋଗ କରି ନିଜେ ଏହି ସେବାରେ ସାମିଲ ହୋଇପାରିବେ । ରାପିଡୋ ଅଟୋର ଶୁଭାରମ୍ଭ ସମ୍ପର୍କରେ ରାପିଡୋର ସହ ପ୍ରତିଷ୍ଠାତା ଶ୍ରୀ ଅରବିନ୍ଦ ଶଙ୍କା କହିଛନ୍ତି ଯେ, "ଏହି ରାପିଡୋ ଅଟୋ ଜରିଆରେ ଆମେ ଯାତ୍ରୀମାନଙ୍କୁ ଆମର ବାଇକ ସେବା ବ୍ୟତୀତ ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅନ୍ୟ ଏକ ସୁଲଭ ଏବଂ ସୁରକ୍ଷିତ ବିକଳ୍ପ ଯୋଗାଇଦେବାର ଲକ୍ଷ ରଖିଛୁ, ଯାହା ପରିଚାଳନା ଏବଂ ମୂଲ୍ୟ ନିର୍ଦ୍ଧାରଣରେ ମୂଲ୍ୟଯୁକ୍ତ ଅଟେ ।" ରାପିଡୋ ଅଟୋ ସୁବଠାରୁ ସୁଲଭ ଏବଂ ଆନ୍ତଃ ସହର ଯାତାୟାତ ବିକଳ୍ପରେ ସୁରକ୍ଷା ଅଂଶକୁ ସାମିଲ କରିବ । ପ୍ରତ୍ୟେକ ରାପିଡୋ ଅଟୋ ରାପିଡୋର ଜିପିଏସ ଟେକ୍ନୋଲୋଜିରେ ସମୃଦ୍ଧ ରହିବ । ରାପିଡୋ ଅଟୋ ଜରିଆରେ ବ୍ୟବହାରକାରୀମାନେ ସେମାନଙ୍କ ଭ୍ରମଣକୁ ନିଜର ପ୍ରିୟଜନଙ୍କ ସହିତ ରିୟଲ ଟାଇମ ମଧ୍ୟରେ ଟ୍ରାକ ଏବଂ ସେୟାର କରିବାକୁ ସକ୍ଷମ ହେବେ । ଯାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଅନୁରୂପ ଅଭିଜ୍ଞତାକୁ ସୁନିଶ୍ଚିତ କରିବା ଲାଗି ରାପିଡୋ ବାଇକ ଟାକ୍ସିଗୁଡ଼ିକ ଭଳି ରାପିଡୋ ଅଟୋରେ ମଧ୍ୟ ଏକ ଇନ-ଆପ ଫିଡବ୍ୟାକ ମେକାନିଜିମ ରହିବ । ଗ୍ରାହକ ଏବଂ କ୍ୟାପ୍‌ଟେନମାନଙ୍କୁ ସୁରକ୍ଷା ଦେବା ପାଇଁ ମାନଦଣ୍ଡଗୁଡ଼ିକର ଅନୁସରଣ କରିବା ଏବଂ ସୁରକ୍ଷା ବଜାୟ ରଖିବା ଦିଗରେ ନିକଟରେ ରାପିଡୋ ପକ୍ଷରୁ ବାଇକ ଟାକ୍ସି ରାଇଡ ପାଇଁ ଅଭିନବ ସୁରକ୍ଷା ବ୍ୟାକ ସିଲ୍ଡ ସମେତ ଅନେକ ପଦକ୍ଷେପର ଘୋଷଣା କରାଯାଇଛି ।




# ଧାମରା-ଚୌଧୁରୀ ଘାଟ ରାସ୍ତା ଶିଳାନ୍ୟାସକୁ ବିତିଲା ୭ମାସ, ଆରମ୍ଭ ହୋଇ ପାରିଲା ନାହିଁ କାର୍ଯ୍ୟ

ଭଦ୍ରକ,(ପି.ଏନ): ଧାମରା ପଂଚାୟତ ଅଧିନସ୍ଥ ଧାମରା-ଚୌଧୁରୀ ରାସ୍ତା ମରାମତି କାର୍ଯ୍ୟର ଶିଳାନ୍ୟାସକୁ ଇତି ମଧ୍ୟରେ ୭ମାସ ବିତିଲା ମାତ୍ର ଆରମ୍ଭ ହୋଇ ପାରିଲା ନାହିଁ ଏହି କାର୍ଯ୍ୟ। ଗତ ନଭେମ୍ବର ମାସରେ ଚାନ୍ଦବାଲି ବିଧାୟକ ନିଜର ମାରାଥନ ଶିଳାନ୍ୟାସ ଉତ୍ସବରେ ଏହି ରାସ୍ତାକାର୍ଯ୍ୟ ୨୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯିବ ବୋଲି ଦୃଢତାର ସହ କହିବା ସହ ଏହି କାର୍ଯ୍ୟ ନଭେମ୍ବର ମାସ ଶେଷ ସୁଦ୍ଧା ଶେଷ ହେବ ବୋଲି ମଧ୍ୟ ଏହି ଶିଳାନ୍ୟାସ ଉତ୍ସବରେ ନିଜର ବକ୍ତବ୍ୟ ରଖିଥିଲେ। ଶିଳାନ୍ୟାସକୁ ଇତି ମଧ୍ୟରେ ୭ମାସ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହି କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ। ଏହାର କାରଣ ବୁଝିବାକୁ ଯାଇ ଜଣାଯାଇଛି ଯେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତାକାର୍ଯ୍ୟ ପାଇଁ ଟେଣ୍ଡର କରିବା ସହ କାର୍ଯ୍ୟ କରିବା ପାଇଁ ସଂପୃକ୍ତ ଠିକାଦାର ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ଚୁକ୍ତିପତ୍ର ସ୍ୱାକ୍ଷରିତ ମଧ୍ୟ ହୋଇସାରିଛି।ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ସଂପୃକ୍ତ ଠିକାଦାରଙ୍କୁ କିଛି କହିପାରୁ ନାହିଁ କି ସଂପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟନୁଷ୍ଠାନ ନେଇ ପାରୁ ନାହିଁ। ଏହା ଫଳରେ ଦୈନିକ ଧାମରା ବନ୍ଦର କୁ ଶହ ଶହ ଲୋକ ଏହି ରାସ୍ତା ଦେଇ ଯାତାୟତ କରୁଥିଲେ ମଧ୍ୟ ଏହି ରାସ୍ତା ମରଣଯନ୍ତାରେ ପରିଣତ ହୋଇଛି। ଶିଳାନ୍ୟାସ ଉତ୍ସବର ୭ମାସ ମଧ୍ୟରେ କାର୍ଯ୍ୟ ହୋଇ ପାରି ନଥିବା ସହ ଆଗାମୀ ମୌସୁମୀ ବର୍ଷାରେ ମଧ୍ୟ ଏହି ରାସ୍ତା କାର୍ଯ୍ୟ ହୋଇ ପାରିବ ନାହିଁ ବୋଲି ଚର୍ଚା ଚାଲିଛି ଫଳରେ ବର୍ଷା ଦିନରେ ଏହି ରାସ୍ତା ଦେଇ ଯାତାୟତ ମଧ୍ୟ ବନ୍ଦ ହୋଇଯିବ ବୋଲି ଅଂଚଳବାସୀ ଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। କେଉଁ ପରିସ୍ଥିତିରେ ଏହି କାର୍ଯ୍ୟ ଆରମ୍ଭ ହୋଇ ପାରିଲା ନାହିଁ ତାହା ର ବିଦ୍ଧିବଦ୍ଧ ତଦନ୍ତ ହେବା ଜରୁରୀ ବୋଲି ଧାମରା ପଂଚାୟତର ବିଜେପି ସଭାପତି ପ୍ରଦ୍ୱୀପ ରାଉତ ଦାବୀ ଜଣାଇଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ନଭେମ୍ବର ମାସରେ ହୋଇଥିବା ଶିଳାନ୍ୟାସ ଉତ୍ସବରେ ଶାସକ ଦଳର ଭଦ୍ରକ ସାଂସଦଙ୍କ ପ୍ରତିନିଧି ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲାପରିଷଦ ସଭାପତି ଦ୍ୱିଜବର ରାଉତ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ରଞ୍ଜନ କୁମାର ସାହୁ, ନରେଶ ମାଝୀ, ଶରତ ସାହୁ ପ୍ରମୁଖ ଉପସ୍ଥିତ ଥିବା ବେଳେ କେଉଁ ପରିସ୍ଥିତିରେ ଶାସକ ଦଳର କଥା ମଧ୍ୟ ପାଣିରେ ଗାର ସଦୃଶ ହୋଇ ରହିଯାଉଛି ତାହା ସାଧାରଣରେ ଚର୍ଚା ଚାଲିଛି।

# ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ

ପୁରୀ, (ପି.ଏନ): ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ଟାଉନହଲ ଠାରେ ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶାନ୍ତିଶୃଙ୍ଖଳା ସହ ରଥଯାତ୍ରା ସମାପନ କରିବା ପାଇଁ ମନ୍ତ୍ରୀ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ । ପୂର୍ବାହ୍ନ ୧୧ଟାରୁ ଦିନ ୨ଟା ପର୍ଯ୍ୟନ୍ତ ବୈଠକ ଚାଲିଥିବା ବେଳେ ତିନିଥର ବିଦ୍ୟୁତକାଟ୍ ଯୋଗୁଁ ବିଦ୍ୟୁତ୍ ବିଭାଗ ପ୍ରତି ଗୃହର ସଭ୍ୟମାନେ ଅଙ୍ଗୁଳି ନିର୍ଦ୍ଦେଶ କରିଥଲେ। ବିଦ୍ୟୁତ୍ ବିଭାଗର ବେପରୁଆ କାର୍ଯ୍ୟକଳାପ ଯୋଗୁଁ ସାହି ବାସିନ୍ଦାମାନେ ଅତିଷ୍ଠ ହୋଇପଡ଼ିଛନ୍ତି ବୋଲି ସଭ୍ୟମାନେ କହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ରଥକାଠ ଯୋଗାଣ ସମ୍ପର୍କରେ ସୂଚନା ଦେଇ କହିଲେ ପଥୁରିଆ ସ-ମିଲ ଓ ରଥଖଳାରେ ପ୍ରାୟ କାଠ ପହଞ୍ଚି ସାରିଲାଣି। ଆଉ ଅଳ୍ପ କିଛି କାଠ ଆବଶ୍ୟକ ଅନୁସାରେ ପହଞ୍ଚିବ। ରଥ ନିର୍ମାଣ ସମ୍ପର୍କରେ କହିଲେ ରଥର ଚକ କାମ ଓ ଦଣ୍ଡାକାମ ସରି ଚାରି ନାହାକା ଉଠିବା ପାଇଁ କାର୍ଯ୍ୟ ଚାଲିଛି। ରଥକନା,ରଥଦଉଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରାୟ ପହଞ୍ଚି ଗଲାଣି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଂଟ ଚୂଡ଼ାନ୍ତ ଅବସ୍ଥାରେ ରହିଛି। ସିଡ଼ିଏମଓ ଡ଼ାକ୍ତର ସୁଜାତା ମିଶ୍ର ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ସୂଚନା ଦେବାବେଳେ ଡ଼ାକ୍ତର ଓ ମେଡ଼ିକାଲର ଚିକିତ୍ସା ଅଭାବକୁ ନେଇ ସଭ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ଆନୁସଙ୍ଗିକ ସୁବିଧା ମୁଖ୍ୟ ଚିକିତ୍ସାଳୟରେ ନଥିବାରୁ କିପରି ଯାତ୍ରୀମାନଙ୍କୁ ସୁବିଧା ଯୋଗାଇବେ ତାକୁ ନେଇ ସଭ୍ୟମାନେ ପାଟିତୁଣ୍ଡ କରିଥିଲେ। ମେଡ଼ିକାଲ ଷ୍ଟାପ ଯୋଗାଣ, ଅମ୍ବୁଲାନ୍ସ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଷ୍ଟ୍ରେଚର,ଖାଦ୍ୟ ତନଖି ଦଳ ଓ ଦଣ୍ଡିସ ନିରାକରଣ ଉପରେ ସୂଚନା ପ୍ରଦାନ କରିଥିଲେ । ପାନୀୟ ଜଳଯୋଗଣ ସମ୍ପର୍କରେ ସୂଚନା ଦେଇ ୱାଟକୋ ମ୍ୟାନେଜର ଶରତ ମିଶ୍ର କହିଲେ ୨୪ ଘଂଟିଆ ପାଣି ଜଳ ଯୋଗାଣ ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି । ସେବାୟତଙ୍କ ଆବଶ୍ୟକତା ଅନୁଯାୟୀ ଅନେକ ନୀତି ଅନୁସାରେ ଭୋରୁ ଜଳଯୋଗାଣ କରାଯିବ । ବଡ଼ଦାଣ୍ଡ ସମେତ ସାହି ଗଳି କନ୍ଦିରେ ପାନୀୟଜଳ ଯୋଗାଇ ଦିଆଯିବ। ସାହି ମାନଙ୍କରେ ଥିବା ଖୋଲା କୂପ ଓ ହ୍ୟାଣ୍ଡ ପମ୍ପ, ଷ୍ଟାଣ୍ଡ ପମ୍ପ, ନଳକୂପ, ଓଭରହେଡ଼ ଟ୍ୟାଙ୍କ ଗୁଡ଼ିକ ସଫା କରାଯାଇ କାର୍ଯ୍ୟକ୍ଷମ କରାଯିବ। ପୁରୀସହର ବାଦ ଆଖପାଖ ଅଞ୍ଚଳରେ ପାନୀୟଜଳ ବ୍ୟବସ୍ଥାକୁ ଦୃଢ଼ି କରଣ କରାଯିବ । ପରିବହନ ବ୍ୟବସ୍ଥା ଉପରେ ଆରଟିଓ ସୂଚନା ଦେବାବେଳେ ବସଭଡ଼ାକୁ ନେଇ ପ୍ରବଳ ପାଟିତୁଣ୍ଡ ହୋଇଥିଲା । ରଥଯାତ୍ରା ସମୟରେ ସିଟ୍‌ରେ ବସିଲେ ୨ଶହ ଓ ଠିଆହେଲେ ୧୫୦ଟଙ୍କା ଦେବାକୁ ହେଉଥିବା ଦାବି ସମ୍ପର୍କରେ ଅନେକ ସଭ୍ୟ ମତ ଦେଇଥିଲେ । ରଥଯାତ୍ରା ସମୟରେ ଅଧିକ ଟ୍ରେନ ଚଳାଚଳ କରିବା ସହ ସ୍ନାନପୂର୍ଣ୍ଣିମାରେ ଭକ୍ତଙ୍କ ସ୍ଥିତିକୁ ଦେଖି ଭକ୍ତ ଆକଳନ କରାଯିବ । ସୁରକ୍ଷା ପାଇଁ ଅଧିକ ସଂଖ୍ୟକ ଜିଆରପି ଓ ଆରପିଏଫ ମୁତୟନ ହେବେ। ଜାତୀୟ ରାଜପଥ ମରାମତି ସହ ବଡ଼ଦାଣ୍ଡ ମରାମତି ଉପରେ ଆଲୋଚନା ହୋଇଥିଲା । ପୂର୍ତ୍ତବିଭାଗ ଅଧିନରେ ଥିବା ରାସ୍ତାଗୁଡ଼ିକ ମରାମତି କରାଯିବ । ବଡ଼ଦାଣ୍ଡରେ ବ୍ୟାରିକେଟ ନିର୍ମାଣ, ଶରଧାବାଲିରେ ବାଲି ପକାଇବା ଓ ଦକ୍ଷିଣମୋଡ଼ରେ ବାଲି ପକାଇବା ସମ୍ପର୍କରେ ଆଲୋଚନା ହୋଇଥିଲା । ପରିମଳ କ୍ଷେତ୍ରରେ ପୌରସଂସ୍ଥା ଫେଲ ମାରିଥିବାରୁ ଅଧିକାଂଶ ସଭ୍ୟ ପ୍ରବଳ ହୋ-ହଲ୍ଲା କରିଥିଲେ । ସାହି ଗଳିକନ୍ଦି ଗୁଡ଼ିକ ସଫେଇ ହୋଇ ନଥିବାରୁ ସଭ୍ୟ ଓ ସେବାୟତମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାସହ ଶାନ୍ତିଶୃଙ୍ଖଳା ରକ୍ଷା ସମ୍ପର୍କରେ ଏଡ଼ିଜି ରାଧାକ୍ରିଷ୍ଣା ଶର୍ମା ,କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ,ଏସପି କେ. ବିଶାଲ ସିଂହ ପୋଲିସ ବ୍ୟବସ୍ଥା ଉପର ମତ ଦେଇଥିଲେ । ଏହାସହ ଡ୍ରେନେଜ,ସ୍ୱେରେଜ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ,ଟେଲିଫୋନ ସେବା,ଅଗ୍ନିଶମ ସେବା, ସୂଚନା ଓ ପ୍ରସାରଣ,ପର୍ଯ୍ୟଟନ,ପ୍ରଦର୍ଶନୀ,ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଓ ଅସୁରକ୍ଷିତ କୋଠା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ମନ୍ତ୍ରୀ ତୁଷାରକାନ୍ତି ବେହେରା,ରଘୁନନ୍ଦନ ଦାଶ, ଦିବ୍ୟଶଙ୍କର ମିଶ୍ର, ରାଜ୍ୟ ଯୋଜନାବୋର୍ଡ଼ ଉପାଧକ୍ଷ ସଞ୍ଜୟ ଦାସବର୍ମା, ଜିଲ୍ଲାପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ,ପୁରୀ ବିଧାୟକ ଜୟନ୍ତକୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୁରୀ ସାଂସଦଙ୍କ ପ୍ରତିନିଧି ଗୌରହରି ପ୍ରଧାନ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଆରଡ଼ିସ ସୁରେଶଚନ୍ଦ୍ର ଦଳାଇ, ଜିଲ୍ଲାପାଳ ସମର୍ଥ ବର୍ମା ଓ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ସ୍ୱତନ୍ତ୍ର ସଚିବ ମନୋଜ ମିଶ୍ର, ସନୋଷ ବାଲା, ଦେବୋତର କମିଶନର ଶିଶିର ରଥ, ଆଇନ ବିଭାଗ ପ୍ରମୁଖ ସଚିବ ପ୍ରତାପ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସେବାୟତ,ବୁଦ୍ଧିଜୀବୀ,ବିଭିନ୍ନ ବିଭାଗୀୟ ଅଧିକାରୀ,ସ୍ୱେଚ୍ଛାସେବୀ, ସାମ୍ବାଦିକ ପ୍ରମୁଖଯୋଗ ଦେଇଥିଲେ।

# ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିତୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶୃତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିର୍ଯ୍ୟାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଳସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

# ନିରୁଦ୍ଧିଷ୍ଟ ଶ୍ରମିକଙ୍କୁ ଉଦ୍ଧାର ଦାବୀରେ ଦଳିତ ଅଧିକାର ମଂଚର ଥାନାଧିକାରୀଙ୍କୁ ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚ ପକ୍ଷରୁ ନିରୁଦ୍ଧିଷ୍ଟ ଦାଦନ ଶ୍ରମିକ କିଶୋର ବନଛୋରଙ୍କୁ ଉଦ୍ଧାର ଦାବୀରେ ବୋଡେନ ଥାନାଧିକାରୀଙ୍କୁ ୫ ଦଫା ଦାବୀପତ୍ର ପ୍ରଦାନ କରାଯାଇ ତାଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ସୂଚନାମତେ ବୋଡେନ ଥାନା ଅନ୍ତର୍ଗତ ଆମଗୁଡା ଗ୍ରାମର କିଶୋର ବନଛୋର ୨୦୧୯ ମସିହା ମାର୍ଚ୍ଚ ମାସରେ ସିକନ୍ଦରାବାଦକୁ ଦାଦନ ଖଟିବାକୁ ଯାଇଥିଲେ । ତାଙ୍କୁ ସ୍ଥାନୀୟ ବିନୋପୁର ଗ୍ରାମର ଅରୁପ ନିଆଲ ଏବଂ କଂଟାବାଞ୍ଜିର ପାର୍ଥବ ବେହେରା ପଠାଇଥିବା ନେଇ କିଶୋରଙ୍କ ପତ୍ନୀ କୁଳ ବନଛୋର ଜଣାଇଛନ୍ତି । ଏନେଇ ଗତ ୨୧.୮.୨୦୨୦ ରେ କୁଳ ବନଛୋର ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ବୋଡେନ ଥାନାରେ ଲିଖିତ ଅଭିଯୋଗ କରି ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଦାବୀ କରିଥିଲେ । ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାପଡିଛି । ଏନେଇ ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚର ସଭାପତି କମଳ ଚରଣ ତାଣ୍ଡି ଖବର ପାଇ ମଂଚର କର୍ମକର୍ତା ବୋଡେନ ଥାନାଧିକାରୀଙ୍କୁ ଭେଟି ୫ ଦଫା ଦାବୀପତ୍ର ପ୍ରଦାନ କରି ତୁରନ୍ତ କିଶୋରଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ଦାବୀରେ କୁଳ ବନଛୋରଙ୍କ ଏତଲା ଆଧାରରେ ଅରୁପ ନିଆଲ ଓ ପାର୍ଥ ବେହେରାଙ୍କୁ ଥାନାକୁ ଡାକି ସତ୍ୟାସତ୍ୟ ଅନୁସନ୍ଧାନ କରିବା, ଏହି ୨ ଜଣ ସନ୍ତୋଷଜନକ ଉତର ନଦେଲେ ସେମାନଙ୍କୁ ଗିରଫ କରିବା, ପୀଡିତ ପରିବାରଙ୍କୁ ୩ ଲକ୍ଷ ଟଙ୍କା ଆର୍ଥୀକ ସହାୟତା ପ୍ରଦାନ କରିବା, କିଶୋରଙ୍କ ସନ୍ଧାନ ନିମନ୍ତେ ଏକ ତଦନ୍ତକାରୀ ଟିମ ଗଠନ କରିବା, ପ୍ରଶାସନ ତରଫରୁ ପରିବାରଙ୍କୁ ରାସନ ସାମଗ୍ରୀ ପ୍ରଦାନ ପ୍ରମୁଖ ଦାବୀ କରିଛନ୍ତି । ଯଦି ଏସବୁ ସମସ୍ୟାର ସମାଧାନ କରାନଯାଏ ତେବେ ଆଗାମୀ ଦିନରେ ବୋଡେନ ଥାନାକୁ ଘେରାଉ କରିବା ସହ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବୀପତ୍ର ପ୍ରଦାନ ବେଳେ ଦଳିତ ଅଧିକାର ମଂଚର ଜିଲ୍ଲା ସଭାପତିଙ୍କ ସହ ବୋଡେନ ବ୍ଲକ ସଭାପତି ବେଣୁଧର ଜଗତ, ବିଶ୍ୱ ବେହେରା, କାର୍ତିକ ମହାନନ୍ଦ, ଗଣେଷ ବାଗ, ସଞ୍ଜୟ ଜାଲ, ଲମ୍ବୋଦର ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

## ମନ୍ତ୍ରୀଙ୍କୁ ଦେଖି ତାତିଲେ କଂଗ୍ରେସକର୍ମୀ, ସତ୍ୟବାଦୀ ବିଧାୟକଙ୍କୁ କାଳିମାଡ଼

ପୁରୀ, (ପି.ଏନ): ରଥଯାତ୍ରା ବୈଠକରେ ଅନେକ ମନ୍ତ୍ରୀ ଓ ବିଧାୟକ ଯୋଗ ଦେବାପାଇଁ ଆସିଥିଲେ। ଏହାର ସୁଯୋଗ ନେଇ ଛାତ୍ର ଓ ଯୁବ କଂଗ୍ରେସର ନେତାମାନେ ଟାଉନହଲ ଛକରେ ବିକ୍ଷୋଭ ପ୍ରଦର୍ଶନ କରିବାରୁ ପୋଲିସ ସେମାନଙ୍କୁ ଅଟକ ରଖିଥିଲା । ଏହାସହ ଭିଆଇପି ରୋଡ଼ରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କାରରେ ଆସୁଥିବା ସମୟରେ ହଠାତ୍ ଯୁବକଂଗ୍ରେସ କର୍ମୀମାନେ କାର ଉପରକୁ କାଳିମାଡ଼ କରିବା ସହ ଘେରି ଯିବାରୁ ପୋଲିସ ସେମାନଙ୍କୁ ସେଠାରୁ ଉଠାଇ ନେଇଥିଲା।

# ରଙ୍ଗତୂଳି କଳାକାର ସଂଘର ସାଧାରଣ ପରିଷଦ ବୈଠକ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତିଗୁଡା ଠାରେ ଜିଲା ରଙ୍ଗତୁଳି କଳାକାର ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ବ୍ଲକର ରଙ୍ଗତୁଳି କଳାକାର ମାନେ ଯୋଗଦେଇଥିଲେ। ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ କରୋନା ସଂକ୍ରମଣର କଟକଣା ଯୋଗୁଁ କିଭଳି ଭାବେ ରୋଜଗାର ପାଇଁ ସମସ୍ୟାରେ ପଡୁଛନ୍ତି ସେ ସଂପର୍କରେ ଆଲେଚାନା କରାଯାଇଥିଲା । ସଭା ପରେ ପରେ ଜିଲା ସ୍ତରୀୟ କର୍ମକର୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରମୋଦ ଦଣ୍ଡିଆ ମନୋନୀତ ହୋଇଥିବା ବେଳେ ସଂପାଦକ ଭାବେ ଗୋବିନ୍ଦ ଭୁକ୍ତା , ଉପ-ଭାତି ଭାବେ ମିଥୁନ୍ ପ୍ରଧାନୀ, ସହ ସଂପଦାକ ଭାବେ ଜଗତସିଂ ପାତ୍ର ଓ କୋଷାଧକ୍ଷ ଭାବେ ସୁନିଲ୍ ବିଦ୍ଧାଣୀ ମନୋନିତ ହୋଇଛନ୍ତି । ଏଥି ସହିତ କାର୍ଯ୍ୟକାରି ସଭ୍ୟ ଭାବେ ଅଶ୍ୱିନୀ କୁମାର ବିଷୋୟୀ , ବିଷ୍ଣୁ ଚରଣ ବେହେରା , ସୁନିଲ୍ ନାୟକ , ଶ୍ରୀକାନ୍ତ ପ୍ରଧାନୀ , ଲକ୍ଷ୍ମୀଣ ପ୍ରଧାନ ପ୍ରମୁଖ ମନୋନିତ ହୋଇଛନ୍ତି । କରୋନା କଟକଣା ଯୋଗୁଁ ବର୍ତମାନ କଳାକାର ମାନଙ୍କର ରୋଜଗାର ପନ୍ଥା ସଂପୂର୍ଣ୍ଣଭାବେ ବନ୍ଦ ହୋଇଯାଇଥିବା ବେଳେ ଅନେକ କଳାକାର ଜୀବିକା ହରାଇବା ସହିତ ପରବାର ପ୍ରତିପୋଷଣ କରିବା ସମସ୍ୟା ସୃଷ୍ଟି ହୋଇଛି । ଜିଲାରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ ରଙ୍ଗତୁଳି କାଳାକାର ଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାର ଏହି କଳାକାର ମାନଙ୍କ ପାଇଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି । ସେମାନଙ୍କର ଏହି ଆର୍ଥିକ ଅନାଟନ ବେଳେ ସେମାନଙ୍କୁ ଜିଲା ପ୍ରଶାସନ କାମ ଯୋଗାଇ ଦେବା ପାଇଁ ଦାବୀ କରାଯିବା ସମ୍ପର୍କରେ ବୈଠକରେ ନିଷ୍ପତି ନିଆଯାଇଥିଲା ।

# ମାଟି ବୋଝେଇ ଟ୍ରାକ୍ଟର ଜବତ୍ ପରେ ବନ ବିଭାଗ ଦେଖାଇଲା ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଘଟଣାର ତଦନ୍ତ ଦାବୀ



କେନ୍ଦୁଝର(ପିଏନ)-କେନ୍ଦୁଝର ସଦର ରେଞ୍ଜ ଟାଉନ ସେକ୍ସନ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲର ମହାଦେଇପୁରଠାରେ ବନ ବିଭାଗ ଗତକାଲି ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ୍ କରିଛି। ଜଙ୍ଗଲ ଭିତରେ ଓଆର୦୯କେ ୦୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ମାଟି ଚାଲାଣ କରୁଥିବାବେଳେ ବନ ବିଭାଗ ଚଢଉ କରି ଟ୍ରାକ୍ଟର ଜବତ୍ କରିଥିଲା। ତେବେ ବନ ବିଭାଗ ଜବତ୍ ଗାଡିକୁ ବେଲଦା ସଂରକ୍ଷିତ ଜଙ୍ଗଲ ନଦେଖାଇ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ୍ ହେବା ଦର୍ଶାଇଥିବା ଜବତ୍ ଗାଡି ମାଲିକ ମହେଶ୍ୱର ନାୟକ କହିଛନ୍ତି। ତେବେ କେଉଁ ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରେ ଜବତ୍ ଗାଡି ଅନ୍ୟ ସ୍ଥାନରେ ଦେଖାଉଛି ତାହା ତଦନ୍ତ କରିବାକୁ ଦାବୀ ହୋଇଛି। ସୂଚନା ଯୋଗ୍ୟ ଯେ, ବେଲଦା ସଂରକ୍ଷିତ ଜଙ୍ଗଲର ବେଲଦା, କେନ୍ଦୁଆ, ଭାଲୁଘର, ପୋଟଳ, ମଥୁରାମଣ୍ଡଳୀ ଅଞ୍ଚଳରେ ଦିନ ରାତି ଅବାଧରେ ମାଟି,ମୋରମ ଏବଂ ପଥର ଚୋରୀ ହେଉଥିବାବେଳେ ବନ ବିଭାଗର ସ୍ଥାଣୁତା ଯୋଗୁଁ ଲଘୁ ଖଣିଜ ସମ୍ପଦ ଲୁଟ ସହ ଜଙ୍ଗଲ ନଷ୍ଟ ହେଉଛି। ବନ କର୍ମଚାରୀ ପେଟ୍ରୋଲିଂ କରୁନଥିବା ସୁଯୋଗରେ ମାଫିଆ ମାନେ ସ୍ଥାନୀୟ ଲୋକଙ୍କ ଅଳ୍ପ କିଛି ମଜୁରୀ ଦେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘ ଦିନ ଧରି ଚୋରୀ କରୁଥିଲେ ହେଁ ଧରପଗଡ କରାଯାଉନାହିଁ। ଜଙ୍ଗଲ ଭିତରେ ନିୟମିତ ଚୋରୀ ଯୋଗୁଁ ବଡ ବଡ ଗାତ ସୃଷ୍ଟି ହୋଇ ବନ୍ୟ ଜୀବଜନ୍ତୁଙ୍କ ପାଇଁ ବିପଦର କାରଣ ହୋଇଛି। ସଂରକ୍ଷିତ ଜଙ୍ଗଲରେ ବାହାର ଲୋକ ଏବଂ ଗାଡି ପ୍ରବେଶ ବାରଣ ଥିଲେ ମଧ୍ଧ ବେଲଦା ଏବଂ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ରାସ୍ତା କରି ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି। ଡିଏଫଓ ସ୍ୱୟମ ମଲ୍ଲିକ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ପରିବେଶପ୍ରେମୀ ମାନେ ଦାବୀ କରିଛନ୍ତି।




2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada




Bhubaneswar Friday June 03, 2022 | ଭୁବନେଶ୍ୱର ଶୁକ୍ରବାର, ଜୁନ ୦୩,୨୦୨୨ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com

# ପେବ୍ୟାକ ଇଣ୍ଡିଆ ଆପୋଲୋ ଫାର୍ମାସି ସହିତ ଏକ ରଣନୀତିକ ଭାଗିଦାରୀ ଘୋଷଣା କଲା

ନୂଆଦିଲ୍ଲୀ,(ପି.ଏନ): ଭାରତର ଏକ ବୃହତ ଫାର୍ମାସି ଆପୋଲୋ ଫାର୍ମାସି ସହିତ ଭରତପେ କମ୍ପାନୀ ତଥା ଦେଶର ସର୍ବବୃହତ ମଲ୍ଟି ବ୍ରାଣ୍ଡ ବିଶ୍ୱସ୍ତତା କାର୍ଯ୍ୟକ୍ରମ ପେବ୍ୟାକ ଇଣ୍ଡିଆ ଆଜି ରଣନୀତିକ ସହଯୋଗ ଘୋଷଣା କରିଛି। ଫାର୍ମାସି ଇଣ୍ଡଷ୍ଟ୍ରିରେ ପେବ୍ୟାକ ଇଣ୍ଡିଆ ପାଇଁ ଏହା ହେଉଛି ପ୍ରଥମ ପ୍ରକାରର ସହଭାଗୀତା। ଏହି ସହଭାଗୀତା ଏହାର ୧୦୦ ନିୟୁତରୁ ଅଧିକ ସଦସ୍ୟ ଆଧାରରେ ଗ୍ରାହକଙ୍କ ଯୋଗଦାନକୁ ଆହୁରି ବୃଦ୍ଧି କରାଇବା ସହିତ ୪୫୦୦ ଆପୋଲୋ ଫାର୍ମାସି ଆଉଟଲେଟରେ ନୂତନ ଗ୍ରାହକ ହାସଲ କରିବାରେ ପେବ୍ୟାକୁ ସକ୍ଷମ ହେବ। ଯୋଗ୍ୟ ପେବ୍ୟାକ ସଦସ୍ୟମାନେ ଆପୋଲୋ ଫାର୍ମାସି ଆଉଟଲେଟରେ ସେମାନଙ୍କ କ୍ରୟ ଉପରେ ପଏଂଟ□ ଅର୍ଜନ କରିବାକୁ ସମର୍ଥ ହେବେ। ସମସ୍ତ ସଦସ୍ୟ ରିହାତି ବିଲିଂ ହାସଲ କରିବା ପାଇଁ ଆପୋଲୋ ଫାର୍ମାସି ଆଉଟଲେଟରେ ସେମାନଙ୍କର ଜମା ହୋଇଥିବା ବିଶ୍ୱସ୍ତତା ପଏଂଟକୁ ରିଡିମ୍ ମଧ୍ୟ କରିବାକୁ ସମର୍ଥ ହେବେ। ଆପୋଲୋ ଫାର୍ମାସି ପେବ୍ୟାକର ବୃହତ ସଦସ୍ୟ ବେସକୁ ପ୍ରବେଶ କରୁଥିବାରୁ ଉଭୟଙ୍କ ପାଇଁ ଏହା ଏକ କାରବାର ବୃଦ୍ଧିର ମାଧ୍ୟମ ହେବ। ଏହି ଅବସରରେ ପେବ୍ୟାକ ଇଣ୍ଡିଆର ସିଇଓ ରିଜିଶ ରାଘବନ କହିଲେ, ପାର୍ଟନର ନେଟୱାର୍କକୁ ମଜବୁତ କରିବା ପାଇଁ ଆମର ପରବର୍ତୀ ଅଭିବୃଦ୍ଧି ରଣନୀତିର ଏକ ଅଂଶ ଭାବରେ ଆମେ ପ୍ରତିଶ୍ରୁତିବଦ୍ଧ। ଭାରତର ଅନ୍ୟତମ ବୃହତମ ତଥା ପ୍ରସିଦ୍ଧ ଫାର୍ମାସି ଚେନ ଆପୋଲୋ ଫାର୍ମାସି ସହିତ ଏହି ସହଭାଗିତା କରିଥିବାରୁ ଆମେ ଆନନ୍ଦିତ। ଏହି ସହଭାଗୀତା ବିଷୟରେ ଆପୋଲୋ ଫାର୍ମାସିର ସିଇଓ ପି.ଜୟକୁମାର କହିଛବି, ଏହି ସହଭାଗୀତା ସର୍ବ ବୃହତ ମଲ୍ଟିବ୍ରାଣ୍ଡ ଲୟାଲିଟି ପ୍ରୋଗ୍ରାମ ଏବଂ ଭାରତର ସର୍ବବୃହତ ଫାର୍ମାସି ଶୃଙ୍ଖଳାକୁ ଏକତ୍ର କରିଛି। ଆମର ଗ୍ରାହକମାନେ କେବଳ ଦୋକାନ ଭିତରେ ଉତ୍ପାଦ ଏବଂ ସେବା ଦୃଷ୍ଟିରୁ ନୁହେଁ ବରଂ ଦେୟ ଦୃଷ୍ଟିରୁ ମଧ୍ୟ ଆମକୁ ପସନ୍ଦ କରନ୍ତି। ଏହି ସହଭାଗିତା ଦ୍ୱାରା ଗ୍ରାହକ ଔଷଧ କ୍ରୟରେ ଟଙ୍କା ସଂଚୟ କରିବାର ବିକଳ୍ପ ପାଇ ପାରିବେ।ପେବ୍ୟାକ ଇଣ୍ଡିଆ ହେଉଛି ଏକ ନିଆରା ବିଶ୍ୱସ୍ତତା ପ୍ରୋଗ୍ରାମ, ଯାହା ଗ୍ରାହକଙ୍କ ସହ ଜଡିତ ହେବା ଏବଂ ବିଶ୍ୱସ୍ତତା ପଏଂଟ□ ସହିତ କ୍ରୟ ପାଇଁ ସେମାନଙ୍କୁ ପୁରସ୍କୃତ କରିବା ପାଇଁ ପରିକଳ୍ପିତ। ଯାହା ପରେ ରିଡିମ୍ ହୋଇପାରିଥାଏ। ପେବ୍ୟାକ ସଦସ୍ୟମାନେ ୧୦୦ରୁ ଅଧିକ ବ୍ରାଣ୍ଡରେ ପଏଂଟ□ ଇନଷ୍ଟୋର ଏବଂ ଅନଲାଇନରେ ଅର୍ଜନ କରିପାରିବେ। ପେବ୍ୟାକ ଇଣ୍ଡିଆର ଅଂଶୀଦାରମାନେ ରିଟେଲ, ଇନ୍ଧନ, ବ୍ୟାଙ୍କିଙ୍ଗ, ଦେୟ, ମନୋରନ, ଆତିଥ୍ୟ ଏବଂ ଭ୍ରମଣ ଆଦି କ୍ଷେତ୍ର ସହିତ ଜଡ଼ିତ। ଏହାର କେତେକ ପ୍ରମୁଖ ଅଂଶୀଦାର ମଧ୍ୟରେ ଏଚପିସିଏଲ, ବୁକ ମାଇ ଶୋ, ଥୋମାସ କୁକ ଇଣ୍ଡିଆ, ଆମାଜନ, ଫ୍ଲିପକାର୍ଟ ଆଦି ରହିଛନ୍ତି।

## ଖଣ୍ଡପଡା ବ୍ଲକ କଳାକାର ସଂଘର ବୈଠକ

ଖଣ୍ଡପଡା,(ପି.ଏନ):ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ କଳାକାର ସଂଘର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଳାକାର ସଂଘର ସଭାପତି ତଥା ବିଡିଓ ଅରୁଣିମା ସାହୁ ବୈଠକରେ ପୌରହିତ୍ୟ କରିଥିଲେ । ଖଣ୍ଡପଡା ବ୍ଲକ ଅଧିନ ୨୨ଟି ପଂଚାୟତରୁ ୫୦୦ରୁ ଉର୍ଦ୍ଧ କଳାକାର ବିଠକରେ ଯୋଗ ଦେଇଥିଲେ । କଳାକାର ସଂଘର ଉପସଭାପତି ତ୍ରିନାଥ ପଣ୍ଡାଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ପୁର୍ନବାର ସଂଘର ନୂତନ କର୍ମକର୍ତା ଚୟନ ନେଇ ବୈଠକରେ ଆଲୋଚନା ହୋଇଥିଲା। ବିଡିଓ କଳାକାର ସଂଘର ବରିଷ୍ଠ ସଦସ୍ୟମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପରେ ସର୍ବସମ୍ମତି ପ୍ରସ୍ତାବକ୍ରମେ ଆସନ୍ତା ଜୁନ ୩ ତାରିଖରେ ନୂତନ କର୍ମକର୍ତା ଚୟନ ନେଇ ନିଷ୍ପତି ହୋଇଥିବା ଜଣାପଡିଛି । ସଂଘର ଉପସଭାପତି ଶ୍ରୀ ପଣ୍ଡା କଳାକାର ଭତା କରାଇଦେବାର ପ୍ରତିଶୃତି ଦେଇ ସଦସ୍ୟମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରିଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା । କେତେକ ସଦସ୍ୟ ଏସଂପର୍କରେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ମହିଳାଙ୍କ ରୋଜଗାର ମାଧ୍ୟମ ସାଜିଛି ଧୂପକାଠି




ଖୋର୍ଦ୍ଧା, (ପିଏନ): ବେଗୁନିଆ ଥାନା ଅନ୍ତର୍ଗତ ଗେଡିଆପଲ୍ଲୀ ପଂଚାୟତ ଅନ୍ତର୍ଗତ ସାଲତରା ଗ୍ରାମରେ ୨୦୧୮ ମସିହାରୁ ଯାଜ୍ଞସେନୀ ପ୍ରଦ୍ୟୁସର ମହିଳା ଗ୍ରୁପ ଓରମାସ ସହଯୋଗରେ ଭଡାଘରେ ଧୂପକାଠି ତିଆରି କରି ମହିଳାଙ୍କୁ ଆତ୍ମନିର୍ଭରଶୀଳ କରି ପାରିଛି । ଯାହାକି ୬ ଟି ମେସିନରେ ୩୦ ଜଣ ମହିଳା ସିଫ୍ଟ ଅନୁଯାଇ ଦିନକୁ ୩ କ୍ୟୁଇଂଟାଲ ଧୂପକାଠି ବାହାର କରି ଖରାରେ ଶୁଖାଇ ଝୁଣା, ଗୁଗୁଳ,କସ୍ତୁରୀ ଓ ଚନ୍ଦନ ବତୀ କରି ବିଭିନ୍ନ ଓଜନର ପ୍ୟାକେଟ ପ୍ରସ୍ତୁତ କରିଥାନ୍ତି । ଏହା ଅଧକିଲୋ ପ୍ୟାକେଟରେ ୫ଶହ ଧୂପକାଠିକୁ ୧ ଶହ ଟଙ୍କାରେ ବିକ୍ରୀ କରିଥାନ୍ତି । ଏହି ବତୀ ଗୁଡିକ ନିର୍ମାଣରେ ବ୍ୟବହୃତ ହେଉଥିବା କଂଚାମାଲ ଯଥା ବାଉଁଶକାଠି,କୋଇଲା ଗୁଣ୍ଡ(ଚାର୍ପୁଲ) ଓ ଉଡ ପାଉଡର ଦି ଗ୍ରେଡ(ଜୋଶ ପାଉଡର)କୁ କଟକ ଜିଲ୍ଲା ଜଗତପୁର ଠାରୁ ଆଣିଥାନ୍ତି । ଏହା କମ ଦରରେ ଅଧିକ କାଠି ରହିଥିବାରୁ ବିଭିନ୍ନ ବ୍ୟବସାୟୀ ମାନେ କିଣି ନେଇଥାନ୍ତି । ଏତଦ ବ୍ୟତୀତ ବିଭିନ୍ନ ଜିଲ୍ଲାରେ ହେଉଥିବା ଓରମାସର ପଲ୍ଲିଶ୍ରୀ ମେଳାରେ ଯୋଗଦେଇ ବିକ୍ରୀ କରିଥାନ୍ତି ବୋଲି ସଭାପତି ଝରଣା ଦଳେଇ ଓ ସମ୍ପାଦକ ସୁଶ୍ରୀ ସଙ୍ଗୀତା ନାୟକ କହିଛନ୍ତି । ଯଦି ସରକାରଙ୍କ ପକ୍ଷରୁ ଅଧିକ ସହଯୋଗ ମିଳିଲେ ତେବେ ନିଯୁକ୍ତିର ହାର ବଢିବା ସହ ଉତ୍ପାଦନ ଶକ୍ତି ବଢି ପାରିବ ବୋଲି ଆଶା କରିଛନ୍ତି ।

## ଥାନା ପରିସରରେ ସ୍ଥାନ ଅଭାବ ଯୋଗୁଁ ଜବତ ଗାଡି ସୃଷ୍ଟି କରୁଛି ଟ୍ରାଫିକ ସମସ୍ୟା

ଖୋର୍ଦ୍ଧା, (ପିଏନ):ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ପରିସରରେ ସ୍ଥାନ ଅଭାବ ଯୋଗୁଁ ଜବତ ହୋଇଥିବା ଗାଡି ଗୁଡିକ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି ବୋଲି ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥି ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି । ସୂଚନା ମୁତାବକ ଥାନା ପରିସରଟି ଯଥେଷ୍ଟ ପରିମାଣର ଯାଗା ନଥିବାରୁ ବିଭିନ୍ନ ସମୟରେ ଚୋରା ପଥର ଓ ବାଲି ବୋଝେଇ ଟ୍ରକ ଗୁଡିକୁ ଥାନା ପରିସର ସଲଗ୍ନ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଜବତ ହୋଇ ଗାଡି ଗୁଡିକୁ ରଖାଯାଇଛି ।

# ଧର୍ମଶାଳାର ବୌଦ୍ଧ କୀର୍ତିରାଜି ଅଲୋଡ଼ା !

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅଞ୍ଚଳରେ ଅଲୋଡ଼ା ହୋଇଯାଇଛି ବୌଦ୍ଧ କୀର୍ତିରାଜି । ଏହାର ବିକାଶ, ସୁରକ୍ଷା ଓ ପ୍ରଚାରପ୍ରସାର ନେଇ ସମସ୍ତେ ନୀରବ। ବିଶେଷ କରି ରାଜ୍ୟ ସଂସ୍କୃତି ବିଭାଗର ଆଡ଼ନଜର ଏହାକୁ ଧ୍ୱଂସସ୍ତୂପରେ ପରିଣତ କରିଥିବା ଅଭିଯୋଗ ଉଠିଛି । ପ୍ରକାଶ ଯେ, ଧର୍ମଶାଳା ତହସିଲ ଅନ୍ତର୍ଗତ ଲାଙ୍ଗୁଡ଼ି, କାଏମା, ବଜ୍ରଗିରି, ତରାପୁର, ଦେଉଳି, ଦେଉଳିପାଳ, ନେଉଳପୁର, ପନ୍ତୁରି, କ□ଗଡ଼ିଆ ପାହାଡ଼ ସମେତ ରାଧାନଗର ଗାଁ ନିକଟରୁ ବହୁ ବିରଳ ବୌଦ୍ଧ କୀର୍ତିରାଜି ଆବିଷ୍କୃତ ହୋଇଥିଲା । ହେଲେ ଏସବୁ ସ୍ଥାନରୁ ଆବିଷ୍କୃତ ବୌଦ୍ଧ କୀର୍ତିରାଜି ଏବେ ଅସୁରକ୍ଷିତ ଅବସ୍ଥାରେ ପଡ଼ିଛି । ବୌଦ୍ଧକୀର୍ତି ବିମଣ୍ଡିତ ଲାଙ୍ଗଡ଼ି ପାହାଡ(ପୁଷ୍ପଗିରି ବିହାର)ରୁ ସମ୍ରାଟ ଅଶୋକଙ୍କ ୨ଟି ପ୍ରସ୍ତର ପ୍ରତିମା, ବୁଦ୍ଧଦେବଙ୍କ ୨ଟି ମୂର୍ତି ସମେତ ଅଶୋକଙ୍କ ଶିଳାଲିପି, ପୁଷ୍ପଗିରି ବିହାର ସୂଚିତ କେତୋଟି ଶିଳାଲିପି, ଏକ ବୃହତ କେନ୍ଦ୍ରୀୟ ଇଟା ସ୍ତୁପ, ୨ଟି ବୌଦ୍ଧ ବିହାରର ଭଗ୍ନାବଶେଷ, ବୌଦ୍ଧ ତନ୍ତ୍ରଯାନ, ପଞ୍ଚଯାନୀ ବୁଦ୍ଧ, ୫୪ଟି ପ୍ରସ୍ତରକଟା ସ୍ତୁପରାଜି ଏବଂ ବହୁ ପ୍ରାଚୀନ ଟେରାକୋଟା ଆଦି ସାମଗ୍ରୀ ଆବିଷ୍କୃତ ହୋଇଥିଲା। ଲାଙ୍ଗୁଡି ପାହାଡ ଶିକ୍ଷାଦାନ ଓ ଯୁଦ୍ଧ ସମୟରେ ମୂଖ୍ୟ ଭୂମିକା ନିର୍ବାହ କରୁଥିଲା। ସେତେ ବେଳେ ସମ୍ରାଟ ଅଶୋକ ଏହି ସ୍ତୁପକୁ ନିଜେ ନିର୍ମାଣ କରିଥିବା ଅନୁମାନ କରାଯାଉଛି। ଉତ୍ଖନନ ପରେ କିଛି ମୂର୍ତ୍ତି ବାହାରକୁ ଚାଲିଯାଇଥିବା ବେଳେ ଆଉ କିଛି ପଥର ଖୋଦିତ ମୂର୍ତି ପାହାଡ ଉପରେ ପଡିରହିଛି । ଯାହା ଏବେ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଗଲାଣି। ବର୍ଷା ଓ ଖରାରେ ଏସବୁ ବୌଦ୍ଧ ସ୍ମାରକୀ ନିଜର ଚମକ ହରାଇଲାଣି । ସେହିପରି କାଏମା ପାହାଡ଼ ପାଦଦେଶରେ ଅଶୋକଙ୍କର କଳିଙ୍ଗ ବିଜୟ ସମୟରେ ନିର୍ମିତ ପ୍ରସ୍ତର ଖୋଦିତ ଏକ ପୂର୍ଣ୍ଣାଙ୍ଗ ହସ୍ତୀ ପ୍ରତିମା ରହିଛି। ଯାହାର ନିମ୍ନଭାଗରେ ବ୍ରାହ୍ମୀ ଲିପିରେ ଗଜରାଜ ଖୋଦିତ ହୋଇଛି । ନିକଟରେ ପଥର ବେଞ୍ଚ୍ ରହିଥିବା ବେଳେ ଦକ୍ଷିଣ ପାର୍ଶ୍ୱରେ ଗୁ ରହିଛି। ପାହାଡ଼ ଶୀର୍ଷ ଦେଶରେ ଭଗ୍ନ ସ୍ତୂପ ରହିଛି । ବଜ୍ରଗିରି ପାହାଡ଼ରୁ ଆବିଷ୍କୃତ ତାନ୍ତ୍ରିକ ବୌଦ୍ଧ ଧର୍ମର ଅନେକ ସ୍ମାରକୀ, ଭଗ୍ନସ୍ତୂପ ଆଦି ରାଜ୍ୟ ସଂଗ୍ରହାଳୟକୁ ସ୍ଥାନାନ୍ତରିତ ହୋଇଥିବା ବେଳେ ଅବଲୋକିତେଶ୍ୱର ପ୍ରତିମା ଓ କେତୋଟି ଅର୍ଘ୍ୟସ୍ତୂପ ଏଠାରେ ପଡ଼ିରହିଛି । ତରାପୁର ପାହାଡ଼ରେ ବୁଦ୍ଧଙ୍କ ଦୁଇ ଉତ୍କଳୀୟ ଶିଷ୍ୟ ତପସୁ ଓ ଭଲ୍ଲୁକଙ୍କ ଦ୍ୱାରା ଏକ ସ୍ତୂପ ନିର୍ମାଣ କରାଯାଇଛି। ବୁଦ୍ଧଙ୍କ ଠାରୁ ସଂଗୃହୀତ କେଶକୁ ଏଠାରେ ସ୍ଥାପନ କରାଯାଇଛି । ଉକ୍ତ କେଶ ସ୍ତୂପରେ ଭିକ୍ଷୁ ତପସୁ ଦାନମ୍ ବୋଲି ଖୋଦିତ ହୋଇଥିବା ବେଳେ ଏହା ଖ୍ରୀଷ୍ଟ ପୂର୍ବ ୬ଷ୍ଠ ଶତାବ୍ଦୀର ହୋଇଥିବା ବୌଦ୍ଧ ଗବେଷକ ସୂଚନା ଦେଇଛନ୍ତି। ଦେଉଳି ପାହାଡ଼ରେ ଥିବା ପ୍ରସ୍ତର ଗୁ ଦ୍ୱାର ଦେଶରେ ଭଲ୍ଲିକ ଲେଣ ଖୋଦିତ ହୋଇଛି । ଦେଉଳିପାଳ, ନେଉଳପୁର ଓ କ□ଗଡ଼ିଆ ପାହାଡ଼ରେ ଏକାଧିକ ପ୍ରସ୍ତର ଗୁ ରହିଛି । ପନ୍ତୁରି ପାହାଡ଼ରୁ ପ୍ରାଚୀନ ମଣ୍ଡପ ଆବିଷ୍କୃତ ହୋଇଛି । ସେହିପରି ରାଧାନଗର ଗାଁ ନିକଟରୁ ବିଧ୍ୱସ୍ତ ଦୂର୍ଗର ପ୍ରାଚୀର, ଅଶୋକଙ୍କ ସାନଭାଇ ତିଶଙ୍କ ନାମ ଉଲ୍ଲେଖ ଥିବା ପ୍ରସ୍ତର ମୋହର, ତୋଷାଳି ସଂପର୍କୀତ ଲିପି, ଖ୍ରୀଷ୍ଟପୂର୍ବ ସମୟର ରୌପ୍ୟ ମୁଦ୍ରା, ପରବର୍ତୀ କୁଶାଣ ସମୟର ସ୍ୱର୍ଣ୍ଣ ଓ ତାମ୍ର ମୁଦ୍ରା, ଟେରାକୋଟା ଅଳଙ୍କାର, ଚତୁର୍ଥ ଶତାବ୍ଦୀର ଶ୍ରୀ ନନ୍ଦ ଉଲ୍ଲେଖ ଥିବା ତାମ୍ର ମୁଦ୍ରା ଆଦି ବିଭିନ୍ନ ସାମଗ୍ରୀ ଆବିଷ୍କୃତ ହୋଇଛି । ଏହା ପ୍ରାଚୀନ ଉତ୍କଳର ରାଜଧାନୀ, ଏକ ବିଶ୍ୱ ବାଣିଜ୍ୟ କେନ୍ଦ୍ର, ରୋମ୍ ଏବଂ ଦକ୍ଷିଣ ପୂର୍ବ ଏସିଆ ସହିତ ବାଣିଜ୍ୟିକ ସଂପର୍କ ଥିବାର ପ୍ରମାଣ ମିଳିଛି । ସରକାରୀ ସ୍ତରରେ ଯଦି ଏସବୁ କୀର୍ତିରାଜିର ସୁରକ୍ଷା ଓ ବିକାଶ ଉପରେ ଦୃଷ୍ଟି ଦିଆନଯାଏ, ଆଉ ବର୍ଷ କେଇଟାରେ ଏସବୁ ସତ୍ତା ହରାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି ।

## ଦୁର୍ଘଟଣାରେ ନେଉଳପୁର ପଂଚାୟତ ସମିତିସଭ୍ୟା ଗୁରୁତର, ପୁତୁରା ମୃତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ରଥିଆ ଛକ ନିକଟରେ ଆଜି ଏକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ସୂଚନା ମୁତାବକ, ଏହି ବ୍ଲକ ଅନ୍ତର୍ଗତ ନେଉଳପୁର ପଂଚାୟତର ସମିତିସଭ୍ୟା ନିରୁପମା ବାରିକ ଆଜି ବ୍ଲକରେ ଚାଲିଥିବା ପଂଚାୟତ ପ୍ରତିନିଧି ପ୍ରଶିକ୍ଷଣ ଶିବିରକୁ ଆସିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନସିଂ ମାଧ୍ୟମରେ ଜନପ୍ରତିନିଧିଙ୍କୁ ତାଲିମ ଦେଇଥିଲେ। ସେଠାରୁ ମଧ୍ୟାହ୍ନ ସମୟରେ ନିଜ ପୁତୁରା ମୁକ୍ତିରଂଜନ ବାରିକଙ୍କ ସହ ବାଇକ (ନଂ- ଓଡି ୦୪ ଏନ ୬୦୦୬)ରେ ନେଉଳପୁର ଅଭିମୁଖେ ଫେରୁଥିବା ସମୟରେ ରଥିଆ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା। ସେଠାରେ ଡାକ୍ତର ମୁକ୍ତିରଂଜନଙ୍କୁ ମୃତ ଘୋଷଣା କରିଥିବା ବେଳେ ସମିତିସଭ୍ୟା ନିରୁପମାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତି କରାଯାଇ ସେଠାରେ ଚିକିତ୍ସା କରାଯାଉଛି। ଖବର ପାଇ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ହସ୍ପିଟାଲରେ ପହଂଚି ତାଙ୍କର ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ପଚାରିବୁଝିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏପଟେ ଦୁର୍ଘଟଣା ଘଟାଇଥିବା ଗାଡିଟି ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ଶବକୁ ବ୍ୟବଛେଦ ପାଇଁ ପଠାଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଏଠାରେ ସୂଚନା ଯୋଗ୍ୟ ୧୬ନଂ ଜାତୀୟ ରାଜପଥର ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଥିବା ବେଳେ ଚଣ୍ଡିଖୋଲ ଛକ ଠାରୁ କୁଆଖିଆ ଛକ ମଧ୍ୟରେ ଦୁର୍ଘଟଣା ଘଟି ବହୁ ମୂଲ୍ୟବାନ ଜୀବନ ହାନୀ ହେଉଛି। ଅନେକ ସ୍ଥାନରେ ତ୍ରୁଟି ପୂର୍ଣ୍ଣ ନିର୍ମାଣ ଯୋଗୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିବା ଜଣାଯାଇଛି।

## ଖଳିସାହି-କୋସକା ରାସ୍ତା, ୩ମାସ ପରେ ତାଳିପକା କାର୍ଯ୍ୟ ଆରମ୍ଭ

ଖଣ୍ଡପଡା,(ପି.ଏନ):ଖଣ୍ଡପଡା ପୂର୍ତବିଭାଗ ଅଧିନରେ ଥିବା ଖଳିସାହିରୁ କୋସକା ଦେଇ ଆଉକଟା ଛକକୁ ସଂଯୋଗ କରୁଥିବା ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ୧୪ କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟ ହୋଇଛି । ରାସ୍ତାର ନବୀକରଣ କାର୍ଯ୍ୟ ଶେଷ ହେବାର ୩ମାସ ପରେ ରାସ୍ତା ଉପରୁ ପିଚୁ ଉଠିଥିବା ସ୍ଥାନରେ ତାଳିପକା କାର୍ଯ୍ୟ ଏବେ ଜାରି ରହିଥିବା ପରିଲକ୍ଷିତ ହେଉଛି । ଉକ୍ତ ରାସ୍ତାର ଏକାଧିକ ସ୍ଥାନରେ ଏଭଳି ସ୍ଥିତି ଦେଖିବାକୁ ମିଳୁଥିବାରୁ ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ଜାତ ହୋଇଛି । ଖଣ୍ଡପଡାରୁ ଦଶପଲ୍ଲାକୁ ସଂଯୋଗ କରୁଥିବା ଏହି ରାସ୍ତା ଦେଇ ଦୈନିକ ଶହଶହ ସଂଖ୍ୟାରେ ଭାରି ଯାନବାହନ ଗୁଡିକ ଚଳାଚଳ କରୁଛି । କାମ ସରିବାର ୩ମାସ ପରେ ଯଦି ରାସ୍ତା ଅବସ୍ଥା ଏପରି ହୋଇଛି ତାହେଲେ ଆଉ କିଛି ମାସ ପରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିବାର ଆଶଙ୍କା ପ୍ରକାଶ ପାଇଛି । ରାସ୍ତା କାର୍ଯ୍ୟରେ ହୋଇଥିବା ଅନିୟମିତତାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ କ୍ୱାଲିଟ କଂଟ୍ରୋଲ ବିଭାଗ ଓ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଅଲ୍ ଓଡିଶା ମାଇନରିଟି ଡେଭଲପମେଂଟ ଟ୍ରଷ୍ଟ ତରଫରୁ ଇଦ୍ ମିଳନ








ଭୂବନେଶ୍ୱର ,(ପି.ଏନ): ଆଜି ସତ୍ୟନଗରସ୍ଥିତ ପୋଷ୍ଟଅଫିସ ପାଖରେ ସନ୍ଧ୍ୟା ସାତଟାରେ ଅଲ୍ ଓଡିଶା ମାଇନରିଟି ଡେଭଲପମେନ୍ଟ୍ ଟ୍ରଷ୍ଟ ତରଫରୁ ଏକ ଇଦ୍ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇ ରାତ୍ର ୧୧ଘଟିକା ସମୟରେ ଉଦ୍ଯାପିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭୂବନେଶ୍ୱର ପାଖାପାଖି ଅଂଚଳର ପ୍ରାୟ ୨୦୦ ଲୋକ ଯୋଗ ଦେଇଥିଲେ । ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ବହୁ ନାମିଦାମୀ ଓ ସମାଜସେବୀ ବ୍ୟକ୍ତିବିଶେଷମାନଙ୍କୁ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା । ଉକ୍ତ ଇଦ୍ ମିଳନ କାର୍ଯ୍ୟକ୍ରମରେ ଓଡିଶା ବାହାର ରାଜ୍ୟର ସୁନାମଧନ୍ୟ କବି ତଥା କୱାଲି ଗାୟକମାନେ ଯୋଗ ଦେଇ ସୁନ୍ଦର କୱାଲି ପରିବେଷଣ କରି ଉପସ୍ଥିତ ଲୋକମାନଙ୍କର ମନୋରଂଜନ କରିଥିଲେ , ଯାହା ଭୂବନେଶ୍ୱରରେ ବହୁ ଚର୍ଚ୍ଚାର ବିଷୟ ହୋଇଥିଲା । ଏହି ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମକୁ ଆସିଥିବା ଲୋକମାନଙ୍କ ପାଇଁ ଆୟୋଜକଙ୍କ ତରଫରୁ ରାତ୍ରିଭୋଜନର ବ୍ୟବସ୍ଥା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିବାରୁ କମିଟିର ସଭାପତି ସୟଦ ଅସରଫ୍ ଅଲ୍ଲୀ , ସମ୍ପାଦକ ଦିଲଦାର ମହମ୍ମଦ ଓ ସକ୍ରୀୟ ସଭ୍ୟ ମିର୍ଜା ମେହେରାଜ୍ ବେଗ, ସେକ୍ ଆଜାଦ୍ ଅଲ୍ଲୀ,ମହମ୍ମଦ ରଫିକ୍, ରୋସନ୍ ଅଲ୍ଲୀ ବେଗ୍ ଓ ସୟଦ୍ ଆକବର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତିମାନଙ୍କ ସମେତ ସାମ୍ବାଦିକ ବନ୍ଧୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ସମାଜସେବୀ ଜନାବ ମହମ୍ମଦ ଅଲ୍ଲୀ ପରିଚାଳନା କରିଥିଲେ । ଶେଷରେ କମିଟିର ଉପସଭାପତି କେ ହାସିଦ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray